بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ: ୫

ସମ୍ପାଦକ:
କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର କାଦିଆନ
Weekly BADAR Qadian Odia

ସଂଖ୍ୟା: 26
ବାର୍ଷିକ ଦେୟ : ୬୦୦/-

www.badrqadian.in
10 ଜୁଲ ହଜ୍ଜା 1444 ହି.କ, 29 ଏହସାନ୍ 1402 ହି.ଶ 29 June 2023 ମସିହା

## ଅଲ୍ଲାଃତାଲାଙ୍କ ବାଣୀ

وَاَوْفُوا الْكَيْلَ اِذَا كِلْتُمْ وَزِنُوْا بِالْقِسْطَاسِ الْمُسْتَقِيْمِ ذٰلِكَ خَيْرٌ وَّاَحْسَنُ تَاْوِيْلًا

(ବନି ଇସ୍ରାଇଲ୍-36)

ଏବଂ ଯେତେବେଳେ ତୁମେମାନେ ମାପି କରିଦିଅ ସେତେବେଳେ ପୂର୍ଣ୍ଣ ମାତ୍ରାରେ ମାପି କରିଦିଅ ଓ ଓଜନ କଲାବେଳେ ଠିକ୍ ତରାଜୁରେ (ନିକିତିରେ) ଓଜନ କର । ଏ ବିଷୟ ଅଧିକ ଉକ୍ରୃଷ୍ଟ ଓ ପରିଣାମ ଦୃଷ୍ଟିରୁ ସର୍ବୋତ୍କୃଷ୍ଟ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟାବାନ୍, ଦୀର୍ଘାୟୁ, ନିଜର ସକଳ-ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ତଥା ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

(୨୩୪୪) ହ. ଅବୁ ଜର୍ ଗଫ୍ଫାରୀ[ର.ଅ] ବର୍ଣ୍ଣନା କରନ୍ତି ଯେ, ମୁଁ ନବୀ[ସ.ଅ]ଙ୍କ ସହିତ ଯେତେବେଳେ ୱୋହଦ୍ ପର୍ବତକୁ ଦେଖିଲି ସେତେବେଳେ ଆପଣ[ସ.ଅ] କହିଲେ, ଏହି ପର୍ବତକୁ ଯଦି ମୋ ପାଇଁ ସ୍ୱର୍ଣ୍ଣ (ସୁନାର) କରିଦିଆଯାଏ ତେବେ ମଧ୍ୟ ମୁଁ ଏହାକୁ ପସନ୍ଦ କରିବି ନାହିଁ । କାରଣ ତନ୍ମଧ୍ୟରୁ ଏକ ଦିନାର ମଧ୍ୟ ମୋ ନିକଟରେ ତିନ ଦିନରୁ ଅଧିକ ଦିନ ଧରି ରହୁ । କିନ୍ତୁ ସେହି ଦିନାର ବ୍ୟତୀତ ଯାହାକି ଋଣ ପରିଶୋଧ କରିବା ନିମନ୍ତେ ମୁଁ ନିଜ ନିକଟରେ ରଖିବି । ଆପଣ[ସ.ଅ] ପୁନଶ୍ଚ କହିଲେ, ଯେଉଁ ବ୍ୟକ୍ତି ଯେତେ ଅଧିକ ପରିମାଣର ଧନୀକ ସେହି ବ୍ୟକ୍ତି ସେତେ ପରିମାଣର ଅଭାବି ମଧ୍ୟ । କିନ୍ତୁ ସେହି ବ୍ୟକ୍ତି ବ୍ୟତୀତ ଯେକି ନିଜର ଧନକୁ ଅମକ ଅମକ ଢଙ୍ଗରେ ବା ଅମକ ଅମକ ଆକାରରେ ବ୍ୟୟ କରିଥାଏ । اِنَّ الْاَكْثَرِيْنَ هُمُ الْاَقَلُّوْنَ : ହ. ସୟେଦ୍ ଜୈନୁଲ୍ ଆବିଦିନ ୱଲିଉଲ୍ଲା ଶାହ୍ ସାହେବ କୁହନ୍ତି: ଉକ୍ତ (ଆରବି) ବାକ୍ୟଟି ଏକ ସାର୍ଥକ ଉକ୍ତି ମଧ୍ୟରୁ ଅନ୍ୟତମ ଅଟେ ଏବଂ ଏହାର ଅର୍ଥ ଏହିକି ଯେ, ଧନାଢ୍ୟତା ଯଥାର୍ଥତା ଟଙ୍କା ପଇସା ଏକତ୍ରିତ କରିବାରେ ନୁହେଁ। ବରଂ ଅନେକ ଧନାଢ୍ୟ ବ୍ୟକ୍ତିମାନେ ଉତ୍ତମ ଚରିତ୍ରବତ୍ତା ଶୂନ୍ୟ ଓ ଶିଷ୍ଟାଚାର ଜ୍ଞାନରୁ ବଞ୍ଚିତ ରହିବା ଯୋଗୁଁ ଶୂନ୍ୟହସ୍ତ ଅଟନ୍ତି । ଧନୀକତା ଧନ ଏକତ୍ରିତ କରିବାରେ ନହେଁ ବରଂ ଧନୀକତା କହିଲେ ଦକ୍ଷିଣ ଓ ବାମ ପାର୍ଶ୍ୱରେ ଖର୍ଚ୍ଚ କରିବାକୁ ବୁଝାଏ । ଅର୍ଥାତ ଧାର୍ମିକତା ଓ ସାଂସାରିକତାର ଆବଶ୍ୟକତା ସମୟରେ ଖର୍ଚ୍ଚ କରିବା ଦ୍ୱାରା ହିଁ ଧନର ଅଭିପ୍ରାୟ ପୂର୍ଣ୍ଣ ଓ ସାର୍ଥକ ହୋଇଥାଏ । ସେହି ବ୍ୟକ୍ତି ଯିଏ ନିଜର ଧନ ସଞ୍ଚୟ କରି ରଖିଲା ଓ ଅଧିକାର ଏବଂ କର୍ତ୍ତବ୍ୟ (ଅର୍ଥାତ ଧାର୍ମିକତା (ପ୍ରଭୁଙ୍କ ମାର୍ଗରେ) ଓ ସଂସାରିକତା (ଭକ୍ତଙ୍କ ସକାଶେ) ଆବଶ୍ୟକତା ସମୟରେ) ସମ୍ପାଦନ କରିବାରେ ନିଜର ଧନକୁ ବ୍ୟୟ କଲା ନାହିଁ ତେବେ ସେହି ବ୍ୟକ୍ତି ହିଁ ସବୁଠି ବେଶୀ ଅଭାବି, ନିର୍ଧନ୍ୟ ଓ କାଙ୍ଗାଳ ଅଟେ । କିନ୍ତୁ ଯେଉଁ ବ୍ୟକ୍ତି ନିଜ ଧନ ମାଧ୍ୟମରେ ଉଭୟ ଅର୍ଥାତ ଧାର୍ମିକତା ଓ ସାଂସାରିକତାର ଅଧିକାର ସମ୍ପାଦନ କରେ । ଅର୍ଥାତ ଧନକୁ ଉଭୟ କ୍ଷେତ୍ରରେ ବିନିଯୋଗ କରେ ତେବେ ସେହି ବ୍ୟକ୍ତି ହେଉଛି ପ୍ରକୃତ ପକ୍ଷେ ଧନୀକ ବ୍ୟକ୍ତି । କାରଣ ସେହି ବ୍ୟକ୍ତି ଯେକି ଧର୍ମ ଅର୍ଥାତ ପ୍ରଭୁଙ୍କ ମାର୍ଗରେ ନିଜର ଧନକୁ ବ୍ୟୟ କଲା ଓ ପୁନଶ୍ଚ ସଂସାର ଅର୍ଥାତ ଭକ୍ତମାନଙ୍କ ଉପରେ ମଧ୍ୟ ନିଜର ଧନକୁ ଖର୍ଚ୍ଚ କଲା ତେବେ ସେହି ବ୍ୟକ୍ତି ହିଁ ଧନର ପ୍ରକୃତ ମର୍ମ ତଥା ଅଭିପ୍ରାୟକୁ ପ୍ରାପ୍ତ କରିବାରେ ସକ୍ଷମ ଓ ସଫଳ ହେଲା । ଆଁହଜରତ[ସ.ଅ]ଙ୍କର ଧନ ସଂକ୍ରାନ୍ତରେ ଏଭଳି ଦୃଷ୍ଟିକୋଣ ଅତ୍ୟନ୍ତ ବ୍ରହ୍ମଜ୍ଞାନସମ୍ପନ୍ନ ଦୃଷ୍ଟିକୋଣ ଅଟେ । ଆପଣ[ସ.ଅ]ଙ୍କ ପବିତ୍ର ସୁଗୁଣାବଳୀ ଆତ୍ମିକ ବ୍ୟାପକତା, ଆପଣ[ସ.ଅ]ଙ୍କ ସେହି କଥନରୁ ହିଁ ପ୍ରକାଶ୍ୟ ଯେ, ଯଦି ୱହୋଦ୍ ପର୍ବତ ପରି ଯେତେ ସୁନା ଆପଣ[ସ.ଅ]ଙ୍କ ନିକଟରେ ଗଚ୍ଛିତ ରହୁ ପଛେ ତହିଁରୁ ଆପଣ[ସ.ଅ]ଙ୍କୁ ପ୍ରସନ୍ନତା କେବଳ ସେତିକିବେଳେ ହିଁ ପ୍ରାପ୍ତ ହେବ ଯେତେବେଳେ ଧାର୍ମିକତା ଓ ସାଂସାରିକତା ଅର୍ଥାତ ଭକ୍ତ ଓ ଭଗବାନ ଉଭୟଙ୍କର କର୍ତ୍ତବ୍ୟ ସମ୍ପାଦାନ କରିବାରେ ସେହି ସମସ୍ତ ଧନ ବ୍ୟୟ ହୋଇଯାଉ ।

(ସହିଉଲ୍ ବୁଖାରୀ, ଖଣ୍ଡ-4, କିତବାଲୁ ଇସ୍ତିକ୍ରାଜ୍, ପ୍ରକାଶନ ବର୍ଷ 2008 ମସିହା, କାଦିଆନ୍)

**ପ୍ରକୃତ ସାହାଯ୍ୟ ଭିକ୍ଷା କେବଳ ପ୍ରଭୁଙ୍କ ନିମନ୍ତେ ହିଁ ପ୍ରଯୁଜ୍ୟ । ଅର୍ଥାତ କେବଳ ପ୍ରଭୁଙ୍କୁ ହିଁ ସାହାଯ୍ୟ ଭିକ୍ଷା କରାଯାଇ ପାରିବ ଏବଂ ଏହି ଅଧିକାର କେବଳ ପ୍ରଭୁଙ୍କର ହିଁ ଅଟେ ।**

**ଆକାଶ ଲୋକରେ ଓ ନା ହିଁ ମର୍ତ୍ତ୍ୟାଲୋକରେ କୌଣସି ଜୀବକୁ ଏହି ଅଧିକାର ପ୍ରଦାନ କରାଯାଇ ନାହିଁ ଯେ, ଭକ୍ତମାନେ ପ୍ରଭୁଙ୍କୁ ଛାଡ଼ି ଜୀବଜନ୍ତୁ, ବୃକ୍ଷ ଲତା ଇତ୍ୟାଦି ତଥା ଅନ୍ୟ ଲୋକମାନଙ୍କୁ ସାହାଯ୍ୟ ଭିକ୍ଷା କରନ୍ତୁ ।**

**ମନୁଷ୍ୟର ପ୍ରିୟତମ, ପରମ ଉପାସ୍ୟ କେବଳ ପ୍ରଭୁ (ଅଲ୍ଲାଃତାଲା) ହିଁ ହେବା ଉଚିତ ।**

## ପ୍ରତିଶ୍ରୁତ ମସିହ୍ ଅ.ସଙ୍କ ନିତୀବାଣୀ

### ସାହାଯ୍ୟ ଭିକ୍ଷା କେବଳ ଭଗବାନଙ୍କ ନିକଟରେ ହିଁ କରିବା ଉଚିତ :

ସାହାଯ୍ୟ ଭିକ୍ଷା ସଂପର୍କରେ ଏକଥା ସ୍ମରଣ ରଖିବା ଉଚିତ ଯେ, ପ୍ରକୃତ ସାହାଯ୍ୟ କରିବାର ଅଧିକାର କେବଳ ଅଲ୍ଲାଃତାଲାଙ୍କୁ ହିଁ ପ୍ରାପ୍ତ ଓ ଏହାରି ଉପରେ ପବିତ୍ର କୁରଆନ କରୀମ୍ ଗୁରୁତ୍ୱାରୋପ କରିଛି । ସୁତରାଂ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ରେ କୁହନ୍ତି, اِيَّاكَ نَعْبُدُ وَاِيَّاكَ نَسْتَعِيْنُ (ଅଲ୍ ଫାତିହା:5) ପ୍ରଥମେ ପ୍ରଭୁ ନିଜର ସିଫତ୍ (ବିଶେଷ ଗୁଣାବଳୀ) رَبّ رَحْمٰن رَحِيْم مٰلِكِ يَوْمِ الدِّيْنِ ର ପରିପ୍ରକାଶ କଲେ । ପୁନଶ୍ଚ ଏହା ଶିଖାଇଲେ ଯେ, اِيَّاكَ نَعْبُدُ وَاِيَّاكَ نَسْتَعِيْنُ ଅର୍ଥାତ ହେ ପ୍ରଭୁ ! ଆମ୍ଭେ ତୁମ୍ଭରି ଉପସାନା କରୁ ଓ ତୁମ୍ଭ ଠାରୁ ହିଁ ସାହାଯ୍ୟ ଭିକ୍ଷା କରିଥାଉ । ତହିଁରୁ ଏହା ଜ୍ଞାତ ହୁଏ ଯେ, ଅର୍ଥାତ କେବଳ ପ୍ରଭୁଙ୍କୁ ହିଁ ସାହାଯ୍ୟ ଭିକ୍ଷା କରାଯାଇ ପାରିବ ଏବଂ ଏହି ଅଧିକାର କେବଳ ପ୍ରଭୁଙ୍କର ହିଁ ଅଟେ ଓ ପ୍ରଭୁଙ୍କ ନିମନ୍ତେ ପ୍ରଯୁଜ୍ୟ । ନା କୌଣସି ବ୍ୟକ୍ତି ପକ୍ଷେ, ପଶୁ ପକ୍ଷୀ ଅର୍ଥାତ ଆକାଶ ଲୋକରେ ଓ ନା ହିଁ ମର୍ତ୍ତ୍ୟମଣ୍ଡଳରେ କୌଣସି ଜୀବକୁ ଏହି ଅଧିକାର ପ୍ରଦାନ କରାଯାଇଛି । ହିଁ ପ୍ରତିବିମ୍ବ ସ୍ୱରୂପ ଏହି ଅଧିକାର ଅଲ୍ଲାଃତାଲା ଓ ପ୍ରଭୁଙ୍କ ସାହାସୀ ଭକ୍ତଙ୍କୁ ହିଁ ପ୍ରଦାନ କରାଯାଇଛି । ଆମମାନଙ୍କ ପକ୍ଷେ ଏକଥା ଅନୁଚିତ ଯେ, ଆମେମାନେ କୌଣସି କଥା ନିଜ ତରଫରୁ ଗଢିନେବୁ । ନା ବରଂ ଅଲ୍ଲାଃତାଲାଙ୍କ

ଦ୍ୱାରା ବର୍ଣ୍ଣିତ ଓ ତାହାଙ୍କ ବାର୍ତ୍ତାବହଙ୍କ ଦ୍ୱାରା ନିର୍ଦ୍ଦେଶିତ ଆଦେଶାବଳୀ ମଧ୍ୟରେ ସୀମିତ ରହିବା ଉଚିତ । ଏହାରି ନାମ **ସିରାତେ ମୁସ୍ତକିମ୍** ଅଟେ । ଅର୍ଥାତ ସଳଖ ମାର୍ଗ । ଏହି ପ୍ରସଙ୍ଗଟି لَا اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ ରୁ ମଧ୍ୟ ସ୍ପଷ୍ଟ ଭାବରେ ବୁଝାପଡ଼େ । ଏହାର ପୂର୍ବ ଅଂଶରୁ ଜଣାପଡ଼େ ଯେ, ମନୁଷ୍ୟର ପ୍ରିୟତମ, ପରମ ଉପାସ୍ୟ ପ୍ରଭୁ କେବଳ ଅଲ୍ଲାଃତାଲା ହିଁ ହେବା ଉଚିତ ।

**ଯଦି କୌଣସି କର୍ଣ୍ଣ (ବ୍ୟକ୍ତିର କାନ) ଅନ୍ୟ ବ୍ୟକ୍ତି ସଂପର୍କରେ ସେହି କଥା ଶୁଣେ ଯାହାକୁ ଶୁଣିବାର ଉକ୍ତ ବ୍ୟକ୍ତିକୁ ଅଧିକାର ନଥିଲା ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତିକୁ ମଧ୍ୟ ପଚାରିଯିବ ।**

**ଯଦି ଚକ୍ଷୁ ଅନ୍ୟ ବ୍ୟକ୍ତି ସଂପର୍କରେ ସେହି କଥାକୁ ଦେଖିବା ନିମନ୍ତେ ଉଦ୍ୟମ କରେ ଯାହାକୁ ଦେଖିବାର ଅଧିକାର ଉକ୍ତ ଚକ୍ଷୁ (ଅର୍ଥାତ ବ୍ୟକ୍ତିର ଚକ୍ଷୁ)କୁ ନଥିଲା ତେବେ ସେପରିପ୍ରେକ୍ଷୀରେ ଉକ୍ତ ବ୍ୟକ୍ତିକୁ ତତସଂକ୍ରାନ୍ତରେ ମଧ୍ୟ ପ୍ରଶ୍ନ ପଚରାଯିବ ।**

**ସେହିପରି ଯଦି କୌଣସି (ବ୍ୟକ୍ତିର) ହୃଦୟ ଏଭଳି ବିଚାରଧାର ନିଜ ମନ ଭିତରେ ପୋଷଣ କରେ ଯାହାକୁ ପୋଷଣ କରିବାର ଅଧିକାର ତ'ର ଅଧିକାର ନଥିଲା ତେବେ ତତସଂକ୍ରାନ୍ତରେ ମଧ୍ୟ ଉକ୍ତ ବ୍ୟକ୍ତିକୁ ପ୍ରଶ୍ନ ପଚରାଯିବ ।**

ସୟେଦିନା ହ. ମୁସଲେହ୍ ମଉଦ୍ ର.ଅ ସୁରାହ୍ ବନି ଇସ୍ରାଇଲ୍‌ର ଆୟତ୍ 37 وَلَا تَقْفُ مَا لَيْسَ لَكَ بِهٖ عِلْمٌ ؕ اِنَّ السَّمْعَ وَالْبَصَرَ وَالْفُؤَادَ كُلُّ اُولٰٓئِكَ كَانَ عَنْهُ مَسْـُٔوْلًا ର ବ୍ୟାଖ୍ୟା କରି କୁହନ୍ତି, ତହିଁରୁ ଏହା ଯଥାର୍ଥ ନୁହେଁ ଯେ, କୌଣସି ନୂତନ ବିଦ୍ୟା ବା ନୂତନ ଶିକ୍ଷା ଆହରଣ କର ନାହିଁଏବଂ ନବ ନବ ଗବେଷଣା କର ନାହିଁ । ବରଂ କହିବାର ତାତ୍ପର୍ଯ୍ୟ ଏହିକି ଯେ, ଅନ୍ୟ ପ୍ରତି ମନ ଭିତରେ କୁଧାରଣା ଆଦୌ ପୋଷଣ କର ନାହିଁ ଏବଂ ତଦନ୍ତ ନକରି ଅନ୍ୟ ବ୍ୟକ୍ତି ଉପରେ ଦୋଷାରୋପଣ କର ନାହିଁ । ସୁତରାଂ ଉକ୍ତ ଆୟତ୍‌ର ଆଗକୁ ଅଲ୍ଲାଃତାଲା ବର୍ଣ୍ଣନା କରି କହିଛନ୍ତି ଯେ, କେଉଁ କେଉଁ କାରଣ ଯୋଗୁଁ ଜଣେ ବ୍ୟକ୍ତି ମନ ଭିତରେ କୁଧାରଣା ତଥା କୁଚିନ୍ତାଧାର ଉତ୍ପନ୍ନ ହୋଇଥାଏ । ଅର୍ଥାତ ସେହି କାରଣଗୁଡ଼ିକ ହେଲା ଯଥା- **କର୍ଣ୍ଣ, ଚକ୍ଷୁ ଓ ହୃଦୟ ।** ବେଳେବେଳେ ମନୁଷ୍ୟ ଅନ୍ୟ ବ୍ୟକ୍ତି ସଂପର୍କରେ କୌଣସି କଥା ଶୁଣି ଉକ୍ତ କଥାକୁ ନିଜ ମସ୍ତିଷ୍କରେ ସୁରକ୍ଷିତ ରଖି ବିନା କୌଣସି ପରୀକ୍ଷା ନିରୀକ୍ଷାରେ ଅନ୍ୟ ବ୍ୟକ୍ତି ପ୍ରତି ଶତ୍ରୁତା ଆଚରଣ ଆରମ୍ଭ କରି ଦେଇଥାଏ । ସେହିପରି ବେଳେବେଳେ ଗୋଟିଏ ଘଟଣାକୁ ବ୍ୟକ୍ତି ଦେଖିଥାଏ ଓ ତହିଁରୁ କୁପରିଣାମ ବାହାର କରିଥାଏ । ସେ ଏହା ତଦନ୍ତ କରୁ ନାହିଁ ଯେ, ସମ୍ଭବତଃ ଉକ୍ତ କର୍ମର କୌଣସି ବୈଧ ସମ୍ମତ କାରଣ ହୋଇଥାଇପାରେ ଯାହାକୁ ଦେଖି ଉକ୍ତ ବ୍ୟକ୍ତି ଜଣକ ଖରାପ ଭାବି ନେଲା । ସେହିପରି ଆଉ କେତେକ ଲୋକ ସ୍ୱତଃପ୍ରବୃତ୍ତ ଭାବରେ ନିଜ ମନ ଭିତରେ ଗୋଟିଏ କଥା ସୃଷ୍ଟି କରି ନିଅନ୍ତି । ଏହି ସମସ୍ତ କଥାରୁ ଅଲ୍ଲାଃତାଲା ରୋକିଛନ୍ତି ଏବଂ କହିଲେ, ତୁମମାନଙ୍କ ପକ୍ଷେ କାଳ୍ପନିକ ଚିନ୍ତାଧାରାମୂଳକ କଥାରେ ପଡ଼ିବା ଅନୁଚିତ ଅଟେ ।

କୁଧାରଣାର କାରଣଗୁଡ଼ିକ ମଧ୍ୟରେ ସବୁଠୁ ମୁଖ୍ୟ କାରଣ ତଥା ଲକ୍ଷଣ ହେଉଛି କର୍ଣ୍ଣ (କାନ) । ଅନେକ ସମୟରେ ଲୋକମାନେ ଅନ୍ୟ ଲୋକମାନଙ୍କ ଠାରୁ କଥା ଶୁଣି ନେଇ ଅନ୍ୟ ପ୍ରତି କୁଧାରଣା ମନ ଭିତରେ ପୋଷଣ କରିଥାନ୍ତି । ଏଣୁ ଅଲ୍ଲାଃତାଲା ଏହାର ଚର୍ଚ୍ଚା ସର୍ବ ପ୍ରଥମେ କଲେ । ଏହାପରେ **ଦ୍ୱିତୀୟ** ମାଧ୍ୟମ ହେଉଛି ଚକ୍ଷୁ । ଏହାକୁ ଦ୍ୱିତୀୟ ସ୍ଥାନରେ ବର୍ଣ୍ଣନା କରାଯାଇଛି । ଏତଦ୍‌ପରେ ଅତ୍ୟନ୍ତ କୁଧାରଣା ପୋଷଣକାରୀ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ଅନ୍ୟ ବ୍ୟକ୍ତି ଠାରୁ ନା କିଛି ଅଭିଯୋଗ ଓ ମାନ ଅଭିମାନ ଶୁଣିଥାଏ ଓ ନା ହିଁ ସେ ଅନ୍ୟ ଠାରୁ ସନ୍ଦେହଯୁକ୍ତ କଥା ଦେଖିଥାଏ । ବରଂ ସ୍ୱତଃପ୍ରବୃତ୍ତ ଭାବରେ ନିଜ ମନ ଭିତରେ ଏକ କାରଣକୁ ଭିତ୍ତି କରି ଅନ୍ୟ ବ୍ୟକ୍ତି ପଛରେ ପଡ଼ି ଯାଇଥାଏ । ତେଣୁ ଉକ୍ତ କଥା ଅର୍ଥାତ ହୃଦୟକୁ ଅଲ୍ଲାଃତାଲା ସର୍ବ ଶେଷରେ ରଖିଛନ୍ତି । ଅର୍ଥାତ ଏହି କାରଣଟି ସବୁଠୁ କମ୍ କାରଣ ଅଟେ । ଅର୍ଥାତ ଜଣେ ସଂକଟାପନ୍ନ ଓ ଗୁରୁତର ରୋଗୀ ଅନ୍ୟ ସାଧାରଣ ରୋଗୀଙ୍କ ଅପେକ୍ଷା ସ୍ୱଳ୍ପ ସଂଖ୍ୟକ ହୋଇଥାଆନ୍ତି ।

اِنَّ السَّمْعَ وَالْبَصَرَ وَالْفُؤَادَ كُلُّ اُولٰٓئِكَ كَانَ عَنْهُ مَسْـُٔوْلًا ଉକ୍ତ ବାକ୍ୟରେ ଏହା ମଧ୍ୟ ଇଙ୍ଗିତ କରାଯାଇଛି ଯେ, ହେ ମୁସଲମାନମାନେ ! ତୁମେମାନେ ଏହା ଭାବ ନାହିଁ ଯେ, କେବଳ ଧନ ଓ ଜୀବନ ପ୍ରସଙ୍ଗରେ ଅନ୍ୟାୟ ଓ ଅତ୍ୟାଚାର ପ୍ରସଙ୍ଗରେ ତୁମର ଧରପକଡ଼ ହେବ ତାହା ନୁହେଁ । ବରଂ ମାନବିକ ସମ୍ମାନ ଉପରେ ଆକ୍ରମଣ କରିବା ଫଳରେ ତୁମକୁ ପଚରାଯିବ । ଯଦି କୌଣସି କର୍ଣ୍ଣ (ବ୍ୟକ୍ତିର କାନ) ଅନ୍ୟ ବ୍ୟକ୍ତି ସଂପର୍କରେ ସେହି କଥା ଶୁଣେ ଯାହାକୁ ଶୁଣିବାର ଉକ୍ତ ବ୍ୟକ୍ତିକୁ ଅଧିକାର ନଥିଲା ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତିକୁ ମଧ୍ୟ ପଚାରିଯିବ । ଯଦି ଚକ୍ଷୁ ଅନ୍ୟ ବ୍ୟକ୍ତି ସଂପର୍କରେ ସେହି କଥାକୁ ଦେଖିବା ନିମନ୍ତେ ଉଦ୍ୟମ କରେ ଯାହାକୁ ଦେଖିବାର ଅଧିକାର ଉକ୍ତ ଚକ୍ଷୁ (ଅର୍ଥାତ ବ୍ୟକ୍ତିର ଚକ୍ଷୁ)କୁ ନଥିଲା ତେବେ ସେପରିପ୍ରେକ୍ଷୀରେ ଉକ୍ତ ବ୍ୟକ୍ତିକୁ ତତ୍‌ସଂକ୍ରାନ୍ତରେ ମଧ୍ୟ ପ୍ରଶ୍ନ ପଚରାଯିବ । ସେହିପରି ଯଦି କୌଣସି (ବ୍ୟକ୍ତିର) ହୃଦୟ ଏଭଳି ବିଚାରଧାର ନିଜ ମନ ଭିତରେ ପୋଷଣ କରେ ଯାହାକୁ ପୋଷଣ କରିବାର ଅଧିକାର ତ'ର ନଥିଲା ତେବେ ତତ୍‌ସଂକ୍ରାନ୍ତରେ ମଧ୍ୟ ଉକ୍ତ ବ୍ୟକ୍ତିକୁ ପ୍ରଶ୍ନ ପଚରାଯିବ । ଏହା ଏଭଳି ଏକ ଉଚ୍ଚ ସ୍ତରୀୟ ପବିତ୍ରମୟ ଶିକ୍ଷା ଯେ, ଏହା ଉପରେ କର୍ଯ୍ୟାନୁସରଣ କରିବା ଫଳରେ କୌଣସି ପ୍ରକାରର ଆବର୍ଜନା ଓ ମଳୀନତା, ଅପବିତ୍ରତା ମନୁଷ୍ୟର ଶରୀର ମଧ୍ୟରେ ବାକି ରହି ପାରିବ ନାହିଁ । ଉକ୍ତ ଶିକ୍ଷାରେ ମନୁଷ୍ୟର ଆଚରଣ ଓ ଚାରିତ୍ରିକ ଶୃଙ୍ଖଳା ସଂପର୍କରେ ଅତ୍ୟନ୍ତ ଉଚ୍ଚ ସ୍ତରୀୟ ଶିକ୍ଷା ପ୍ରଦାନ କରାଯାଇଛି । ମନୁଷ୍ୟମାନଙ୍କୁ ସେମାନଙ୍କର ନିଷ୍ପତ୍ତି ତଥା ନିର୍ଣ୍ଣୟର ଭିତ୍ତି ଧାରଣା ଉପରେ ସ୍ଥାପନ କରିବା ଅନୁଚିତ ତାହା ନୁହେଁ । ବରଂ ଶିକ୍ଷା ଉପେରେ ମୂଳଦୁଆ ସ୍ଥାପନ କରିବା ଉଚିତ । କେବଳ କାନର ସାକ୍ଷ୍ୟ କିମ୍ବା ଆଖିର ସାକ୍ଷ୍ୟ ଅବା ମନର ସାକ୍ଷ୍ୟ ଯଥେଷ୍ଟ ନୁହେଁ । ବରଂ ସମସ୍ତ ମାଧ୍ୟମ ଦ୍ୱାରା ଅନୁସନ୍ଧାନ ଏବଂ ତଦନ୍ତ କରି ସିରାବା ପରେ ଯାଇ କୌଣସି ନିଷ୍ପତ୍ତି ନେବା ତଥା ନିଷ୍କର୍ଷ ଓ ସିଦ୍ଧାନ୍ତରେ ଉପନୀତ ଉଚିତ । ହ. ଇମାମ୍ ଅବୁ ହନିଫାର.ଅଙ୍କ ଏକ ପ୍ରଖ୍ୟାତ କଥନ ଯେ, **"ଯଦି କୌଣସି ବ୍ୟକ୍ତି ମଧ୍ୟରେ ୯୯ଭାଗ ଅବଜ୍ଞାମୂଳକ କାରଣ ଥାଏ ଓ ଏକ ଭାଗ ବିଶ୍ୱାସମୂଳକ କାରଣ ଥାଏ ତେବେ ଉକ୍ତ ବ୍ୟକ୍ତିକୁ ଅବଜ୍ଞାକାରୀ ତଥା ଅବିଶ୍ୱାସକାରୀ ବୋଲି କୁହ ନାହିଁ ।"** ଉକ୍ତ ବ୍ରହ୍ମଜ୍ଞାନସମ୍ପନ୍ନ ବାକ୍ୟର ଏହି ଅର୍ଥ ଯେ, ଯଦି ୯୯ ଭାଗ ସାକ୍ଷ୍ୟ ବା ପ୍ରମାଣ ତା'ର ଅବଜ୍ଞାର ଥାଏ ଓ ଏକ ଭାଗ ବିଶ୍ୱାସର ତା' ସପକ୍ଷରେ ଥାଏ ତେବେ ମଧ୍ୟ ଉକ୍ତ ବ୍ୟକ୍ତିକୁ ଅବଜ୍ଞାକାରୀ ଓ ଅବିଶ୍ୱାସକାରୀ ବୋଲି କୁହ ନାହିଁ । ତହିଁରୁ ଏହି ଅର୍ଥ କଦାପି ନୁହେଁ ଯେପରି କେତେକ ମୂର୍ଖ ବ୍ୟକ୍ତିମାନେ ଭାବନ୍ତି ଯେ, ଯଦି ଅବିଶ୍ୱାସ ଓ ଅବଜ୍ଞାର ୯୯ ଭାଗ ଧର୍ମ ବୈଧାନିକ କାରଣ ହୋଇଥାଏ ତାହାହେଲେ ମଧ୍ୟ ଉକ୍ତ ବ୍ୟକ୍ତିକୁ ଅବିଶ୍ୱାସକାରୀ ଓ ଅବଜ୍ଞକାରୀ ବୋଲି କୁହ ନାହିଁ । ଅବଜ୍ଞତାର ୮ଟି କାରଣ ରହିଛି ଯଥା- **ଈଶ୍ୱରଙ୍କ** ଅବଜ୍ଞା କରିବା ବା ଈଶ୍ୱରଙ୍କୁ ପ୍ରତ୍ୟାଖ୍ୟାନ କରିବା, **ଦେବଦୂତମାନଙ୍କୁ** ପ୍ରତ୍ୟାଖ୍ୟାନ କରିବା, **ଐଶୀ ପୁସ୍ତକର** ଅବଜ୍ଞା କରିବା, **ଭାଗ୍ୟବାଦର** ପ୍ରତ୍ୟାଖ୍ୟାନ କରିବା, ମୃତ୍ୟୁ ପରେ ଏକତ୍ରିତ ହେବା ସମ୍ବନ୍ଧରେ ପ୍ରତ୍ୟାଖ୍ୟାନ କରିବା ଇତ୍ୟାଦି । ସୁତରାଂ ଯଦି ତହିଁରୁ ଏହି ଅର୍ଥ ବାହାର କରାଯାଏ ଯେ, ଅବିଶ୍ୱାସ ଓ ଅବଜ୍ଞାର ୯୯ ଭାଗ କାରଣ ଥାଇ ବି ଯଦି ବ୍ୟକ୍ତି ଅବିଶ୍ୱାସକାରୀ ଓ ଅବଜ୍ଞାକାରୀ ନହୁଏ ତେବେ କୌଣସି ନାସ୍ତିକବାଦୀ ବ୍ୟକ୍ତିକୁ ମଧ୍ୟ ଅବିଶ୍ୱାସକାରୀ ଓ ଅବଜ୍ଞକାରୀ ବୋଲି କୁହାଯାଇ ପାରିବ ନାହିଁ । **(ତଫସିର୍ କବିର୍ ଗ୍ରନ୍ଥ ଖଣ୍ଡ-4, ପୃ-334, ପ୍ରକାଶନ ବର୍ଷ-2010 ମସିହା, କାଦିଆନ୍)**

**ନବଜନ୍ମିତ ସନ୍ତାନର ଘୋଷଣା:-**

"ଅଲ୍ଲାଃତାଲା ନିଜର ବିଶେଷ କୃପାରୁ ବିନୀତକୁ ତା22-06-2023 ରିଖ ଦିନ ଏକ ପୁତ୍ର ସନ୍ତାନ ଯାହାର ନାମ ହେଲା ମୁହମ୍ମଦ ହମ୍ମାଦ୍ ଖାନ୍ ପ୍ରଦାନ କରିଛନ୍ତି । ଅଲହମଦୁଲିଲ୍ଲାଃ। ଅଲ୍ଲାଃତାଲାଙ୍କ କୃପାରୁ ନବଜନ୍ମିତ ୱକଫେ ନଅ ତେହରିକରେ ସାମିଲ୍ ଅଛି । ନବଜନ୍ମିତ ପୁତ୍ର ସନ୍ତାନ କେରଙ୍ଗର ନିବାସୀ ସମ୍ମାନନୀୟ ମୁହମ୍ମଦ ଫିରୋଜ ସାହେବଙ୍କ ପୌତ୍ର ଅଟନ୍ତି। ନବ ଜନ୍ମିତ ପୁତ୍ର ସନ୍ତାନଙ୍କ ପୁଣ୍ୟବାନ ତଥା ଧର୍ମ ସେବକ ହେବା, କ୍ରିୟାଶୀଳ, ଭାଗ୍ୟବାନ ହେବା ନିମନ୍ତେ ବଦରର ସମସ୍ତ ପାଠକମଣ୍ଡଳୀଙ୍କୁ ଦୁଆ କରିବା ନିମନ୍ତେ ବିନମ୍ର ଆହ୍ୱାନ ଜଣାଉଛୁ"।

ତାଲିବେ ଦୁଆ: Mohammad Saad (Muballigh Silsila, Bihar), S/O- Mohammad Firoz, At- Darul anwar, Jamat Ahmadiya Kerang, Khurda (Odisha)

# (ଖୁତ୍‌ବା ଜୁମା)

ଲୋକମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଏପରି ନୁହନ୍ତି ଯିଏ ହ. ଅବୁ ବକର ବିନ୍ ଅବୁ କାହାଫାଙ୍କ ପରି ନିଜର ଧନ ଜୀବନ ମାଧ୍ୟରେ ମୋ ପ୍ରତି ସଦବ୍ୟବହାର ପ୍ରଦର୍ଶନ କରିବ । (ଅଲ୍‌ହଦିସ୍)

ଅଶିକ୍ଷିତ ଯୁଗରେ ହ. ଅବୁ ବକର[ର.ଅ]ଙ୍କୁ କୁରେଶର ଅଧିପତିମାନେ ଓ ତାଙ୍କର ସମ୍ମାନିତ ଓ ଗଣମାନ୍ୟ ଲୋକମାନଙ୍କ ମଧ୍ୟରେ ଗଣ୍ୟ କରାଯାଉଥିଲା ।

ହ. ଅବୁ ବକର[ର.ଅ] ଅଭାବି, ଦରିଦ୍ରମାନଙ୍କ ଉପରେ ଅତ୍ୟନ୍ତ ଦୟାବାନ୍ ଥିଲେ, ଶୀତ ଋତୁରେ କମ୍ବଳ କ୍ରୟ କରୁଥିଲେ ଓ ସେହି କମ୍ବଳଗୁଡ଼ିକୁ ଅଭାବି ଗରିବାମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ ।

ହ. ଅବୁ ବକର[ର.ଅ] ଖିଲାଫତରୁ କୌଣସି ବ୍ୟକ୍ତିଗତ ଲାଭ ପ୍ରାପ୍ତ କଲେ ନାହିଁ । ବରଂ ଆପଣ[ର.ଅ] ମାନବ ସେବା କରିବାକୁ ଯାଇ ମାନବ ସେବାକୁ ମହତ୍ କର୍ମ ବୋଲି ବିଚାର କରୁଥିଲେ ।

ଓହୋଦ୍ ଯୁଦ୍ଧରେ ଯେତେବେଳେ ଆଁହଜରତ[ସ.ଅ]ଙ୍କ ଶହୀଦ୍ (ବୀରଗତି ପ୍ରାପ୍ତ)ହେବାର ଗୁଜବ ପ୍ରଚାର ହେଲା ସେତେବେଳେ ସର୍ବ ପ୍ରଥମେ ହ. ଅବୁ ବକର[ର.ଅ] ଭିଡ଼କୁ ଅତିକ୍ରମ କରି ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ପହଞ୍ଚିଥିଲେ ।

ଯେପରି ସ୍ୱପ୍ନରେ ଜିବ୍ରାଇଲ୍[ଅ.ସ] ବୈତୁଲ୍ ମୁକଦ୍ଦସ୍ ଯାତ୍ରାରେ ଆପଣ[ସ.ଅ]ଙ୍କ ସହିତ ଥିଲେ ଠିକ୍ ସେହିପରି ପ୍ରବାସ ସମୟରେ ହ. ଅବୁ ବକର[ର.ଅ] ଆପଣ[ସ.ଅ]ଙ୍କ ସହିତ ଥିଲେ । ହ. ଜିବ୍ରାଇଲ୍[ଅ.ସ] ଯେପରି ପ୍ରଭୁଙ୍କ ଆଜ୍ଞାନୁଯାୟୀ କାର୍ଯ୍ୟ କରିଥାଆନ୍ତି ଠିକ୍ ସେହିପରି ହ. ଅବୁ ବକର[ର.ଅ] ମଧ୍ୟ ଆପଣ[ସ.ଅ]ଙ୍କ ଆଜ୍ଞାଧୀନ ଥିଲେ ।

ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ମୁଁ ମୋ ନିଜ ଜୀବନ ପ୍ରତି ଆଦୌ ଚିନ୍ତିତ ନୁହେଁ । ମୋର ଯଦି ମୃତ୍ୟୁ ଘଟେ ତେବେ କେବଳ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବ । କିନ୍ତୁ ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ମୁଁ ଆପଣ[ସ.ଅ]ଙ୍କ ଲାଗି ଭୟଭୀତ ଅଟେ । କାରଣ ଆପଣ[ସ.ଅ]ଙ୍କୁ ଯଦି କିଛି ହୋଇଯାଏ ଅବା ଆପଣ[ସ.ଅ]ଙ୍କର କିଛି କ୍ଷତି ଘଟିଗଲା ତେବେ ସତ୍ୟତା ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ ।

"ହ. ଅବୁ ବକ[ର.ଅ] ବଳିଦାନ କରି ମଧ୍ୟ ଏହା ଭାବୁଥିଲେ ଯେ, ମୁଁ ବର୍ତ୍ତମାନ ପ୍ରଭୁଙ୍କର ଧାର୍ମିକ ବ୍ୟକ୍ତି ଅଟେ ଓ ମୁଁ ଅଲ୍ଲାଃତାଲାଙ୍କ ଉପରେ କୌଣସି ଉପକାର କରି ନାହିଁ, ବରଂ ପ୍ରଭୁଙ୍କର ମୋ ଉପେରେ ଏହି ଉପକାର ରହିଛି ଯେ, ସେ ମୋତେ ଏହି ବଳିଦାନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିଛନ୍ତି ।"

**ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ତଥା ମାର୍ଗଦର୍ଶୀ ଖଲିଫା ହ. ଅବୁ ବକର[ର.ଅ]ଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 25 Nov 2022 ମସିହା ଅନୁଯାୟୀ ୨୫ ନବୁୱତ୍ / ୧୪୦୧ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶ

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔ غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ ۔

ସର୍ବଶ୍ରେଷ୍ଠ ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ]ଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା ଏବଂ ଆପଣ[ର.ଅ]ଙ୍କ ଜୀବନୀର କେତେକାଂଶ ପୂର୍ବ ଖୁତ୍‌ବାରେ ବର୍ଣ୍ଣିତ ହୋଇଯାଇଛି । ସେହି କ୍ରମରେ ଆଜି ମୁଁ ଆଁହଜରତ[ସ.ଅ]ଙ୍କ ଦୃଷ୍ଟିରେ ହ. ଅବୁ ବକର[ର.ଅ]ଙ୍କ ମାନବ ସେବା ଏବଂ ଅଭାବି ଦରିଦ୍ର ବ୍ୟକ୍ତିଙ୍କୁ ଖାଦ୍ୟ ଖୁଆଇବା ସଂପର୍କରେ କେତେକ ଘଟଣା ସଂପର୍କରେ ଚର୍ଚ୍ଚା କରିବି । ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପୂର୍ବରୁ ମଧ୍ୟ ହ. ଅବୁ ବକର[ର.ଅ] କୁରୈଶ୍‌ମାନଙ୍କର ସର୍ବୋତ୍ତମ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଯେତେବେଳେ ଯେକୌଣସି ପ୍ରକାରର ସମସ୍ୟା ଉପୁଜୁଥିଲା ସେତେବେଳେ ଲୋକମାନେ ହ. ଅବୁ ବକର[ର.ଅ] ଙ୍କ ନିକଟକୁ ସମାଧାନ ନିମନ୍ତେ ଧାଇଁ ଆସୁଥିଲେ । ମକ୍କାରେ ସେ ଅନେକ ସମୟରେ ଲୋକମାନଙ୍କର ଆତିଥ୍ୟତା କରୁଥିଲେ ଏବଂ ଲୋକମାନଙ୍କୁ ବଡ଼ ବଡ଼ ଭୋଜି ନିମନ୍ତେ ନିମନ୍ତ୍ରଣ ଦେଉଥିଲ ଓ ସେମାନଙ୍କୁ ଆମନ୍ତ୍ରିତ ମଧ୍ୟ କରୁଥିଲେ ।

**(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-1, ପୃ-390, ଦାରୁଲ୍ କୁତୁବୁଲ୍ ଇଲମିୟା ବୈରୁତ୍ 2002 ମସିହା)**

ଅଶିକ୍ଷିତ ଯୁଗରେ ହ. ଅବୁ ବକର[ର.ଅ] କୁରୈଶମାନଙ୍କର ଅଧିପତିଙ୍କ ଓ ସେମାନଙ୍କର ଗଣମାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଗଣ୍ୟ କରାଯାଉଥିଲା । ହ. ଅବୁ ବକର[ର.ଅ]ଙ୍କୁ ସେହି କୁରୈଶ୍ ସମାଜରେ ସମ୍ମାନିତ, ସାଧୁ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଉଥିଲା ଏବଂ ସର୍ଶ୍ରେଷ୍ଠ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଉଥିଲା । ଲୋକମାନେ ନିଜର ସମସ୍ୟା ଓ ନାନ ପ୍ରସଙ୍ଗ ସଂକ୍ରାନ୍ତରେ ତାଙ୍କ ଆଡ଼କୁ ଧାଇଁ ଆସୁଥିଲେ । ମକ୍କାରେ ଆତିଥ୍ୟତା ତଥା ଅତିଥି ସତ୍କାର କରିବାରେ ସେ ଅନନ୍ୟ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । **(ହ. ଅବୁ ବକର ସିଦ୍ଧିକ୍[ର.ଅ]ଙ୍କ ବ୍ୟକ୍ତିତ୍ୱ ଓ ଉପଲବ୍ଧି, ଲେଖକ-ମହମ୍ମଦ ଅସ୍ ସଲାବି ଅନୁବାଦକ, ପୃ-52-54, ଦାରି ଇବନେ କସିର୍ ବୈରୁତ୍ 2003 ମସିହା)**

ପୁନଶ୍ଚ ହଦିସରେ ଉଲ୍ଲେଖ ରହିଛି ଯେ, ହ. ଅବୁ ବକର[ର.ଅ] ଗରିବ ଏବଂ

ଦରିଦ୍ର ବ୍ୟକ୍ତିମାନଙ୍କ ପ୍ରତି ଅଶେଷ ଦୟା ପ୍ରଦର୍ଶନ କରୁଥିଲେ । ଶୀତଦିନେ ଅଭାବି ଦରିଦ୍ର ବ୍ୟକ୍ତିଙ୍କୁ କମ୍ବଳ ପ୍ରଦାନ କରି ସେମାନଙ୍କୁ ସାହାଯ୍ୟ କରୁଥିଲେ। **(ହ. ଅବୁ ବକର ସିଦ୍ଦିକ୍[ର.ଅ]ଙ୍କ ନିଷ୍ପତ୍ତି, ପୃ-378, ମୁସ୍ତାକ୍ ବୁକ୍ କର୍ଣ୍ଣର ଲାହୋର୍)**

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଅବୁ ବକର[ର.ଅ] ଏକ ବର୍ଷ ଉଷ୍ମ ଉଲ୍ ଚଦର କ୍ରୟ କଲେ । ସେହି ଚଦରଗୁଡ଼ିକ ଗାଁରୁ ଅଣା ଯାଇଥିଲା ଏବଂ ଶୀତ ଋତୁରେ ମଦିନାର ବିଧବା ମହିଳାମାନଙ୍କ ମଧ୍ୟରେ ଉକ୍ତ ଚଦରଗିଡ଼ିକୁ ବାଣ୍ଟି ଦିଆଯାଇଥିଲା । **(କନ୍‌ଜୁର୍ ଉମ୍ମାଲ୍, ଗ୍ରନ୍ଥଖଣ୍ଡ-3, ଭାଗ-5, ପୃ-245, କିତାବୁଲ୍ ଖିଲାଫା, ହଦିସ୍ ନଂ 14076, ଦାରୁଲ୍ କୁତୁବୁଲ୍ ଇଲମିୟା ବୈରୁତ୍ 2004 ମସିହା)**

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଅବୁ ବକର[ର.ଅ] ଖିଲାଫତ୍ ପଦରେ ଯେତେବେଳେ ଆସୀନ ହେଲେ ତାହା ପୂର୍ବରୁ ସେ ଅନାଥ କୁଟୁମ୍ବର ଛେଳୀ ଦୁହିବାର କାର୍ଯ୍ୟ କରୁଥିଲେ । ଯେତେବେଳେ ଆପ [ର.ଅ] ଖଲିଫା ହୋଇଗଲେ ସେତେବେଳେ ଉକ୍ତ କୁଟୁମ୍ବର ଜଣେ ବାଳିକା କହିବାକୁ ଲାଗିଲା ଯେ, ହେ ଅମୀରୁଲ୍ ମୁମିନିନ୍ ! ଆପଣ ତ' ଖଲିଫା ହୋଇଯାଇଛନ୍ତି । ଆପଣ[ର.ଅ] ଆଉ ଆମର ଛେଳୀ ଦୁହିଁବେ ନାହିଁ ? ଏହା ଶୁଣି ହ. ଅବୁ ବକର[ର.ଅ] କହିଲେ, ନା ନା ଅବଶ୍ୟ ତୁମର ଛେଳୀ ଦୁହିଁବି । ମୁଁ ନିଜ ପ୍ରାଣର ରାଣ ଖାଇ କହୁଛି! ମୁଁ ତୁମ ପାଇଁ ଅବଶ୍ୟ ଛେଳୀର କ୍ଷୀର ଦୁହିଁବି ଓ ମୁଁ ଆଶା କରୁଛି ଯେ, ପୂର୍ବେ ମୁଁ ଯେଉଁ ଅଭ୍ୟାସ କରୁଥିଲି ଓ ବର୍ତ୍ତମାନ ଯେଉଁ ବୃତ୍ତିଗତ ପ୍ରସଙ୍ଗକୁ ଆପଣାଇ ନେଇଛି ତାହା ମୋତେ ସେହି ଅଭ୍ୟାସରୁ ଅଟକାଇ ପାରିବ ନାହିଁ। ସୁତରାଂ ହ. ଅବୁ ବକର[ର.ଅ] ପୂର୍ବ ପରି ସେହି କୁଟୁମ୍ବମାନଙ୍କ ଛେଳୀର କ୍ଷୀର ଦୁହାଁ କାର୍ଯ୍ୟ କରୁଥିଲେ । ଯେତେବେଳେ ସେହି ବାଳିକାମାନେ ନିଜର ଛେଳୀ ନେଇ ଆସୁଥିଲେ ସେତେବେଳେ ଆପଣ[ର.ଅ] ଦୟାପୂର୍ବକ କହୁଥିଲେ, ପିଲାମାନେ! କ୍ଷୀରର ଫେଣ କରିବି ନା ନାହିଁ ? ଯଦି ସେମାନେ କହୁଥିଲେ ଫେଣ କରନ୍ତୁ ତେବେ ଆପଣ[ର.ଅ] କ୍ଷୀରର ପାତ୍ରକୁ ଟିକିଏ ଦୂରକୁ କରି କ୍ଷୀର ଦୁହୁଁଥିଲେ । ଏପର୍ଯ୍ୟନ୍ତକି ଭଲ ଭାବରେ କ୍ଷୀରରୁ ଫେଣ ଗଦ ଗଦ ହୋଇ ବାହାରୁଥିଲା। ଆଉ ଯଦି ସେମାନେ ହ. ଅବୁ ବକର[ର.ଅ]ଙ୍କୁ କହୁଥିଲେ ଯେ, ହେ ଅମୀରୁଲ୍ ମୁମିନିନ୍ ! ଆଜି ଫେଣ କରନ୍ତୁ ନାହିଁ । ତେବେ ଆପଣ ର.ଅ ପାତ୍ରଟିକୁ ଛେଳୀ ଥନ ପାଖରେ କରି କ୍ଷୀର ଦୁହୁଁଥିଲେ । କାରଣ କ୍ଷୀରରେ ଯେପରି ଫେଣ ସୃଷ୍ଟି ନହେଉ । ଆପଣ[ର.ଅ] ଅହରହ ୬ ମାସ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟ ସମ୍ପଦାନ କରୁଥିଲେ । ଅର୍ଥାତ କ୍ଷୀର ଦୁହାଁ କାର୍ଯ୍ୟ । ପୁନଶ୍ଚ ଆପଣ[ର.ଅ] ମଦିନାରେ ବାସ କଲେ । ଯେପର୍ଯ୍ୟନ୍ତ ଆପଣ ମଦିନାରେ ଅବସ୍ଥାନ କରି ନଥିଲେ ସେପର୍ଯ୍ୟନ୍ତ ଅର୍ଥାତ ନିଜ ଖଲିଫା ହେବାର ୬ ମାସ ପର୍ଯ୍ୟନ୍ତ ପୂର୍ବପରି ସେହି କାର୍ଯ୍ୟମାନ ସମ୍ପାଦନ କରୁଥିଲେ । ହ. ଉମର୍[ର.ଅ] ମଦିନାର ପ୍ରାନ୍ତରେ ରହୁଥିବା ଜଣେ ବୃଦ୍ଧା ଏବଂ ଅନ୍ଧୁଣୀ ମହିଳାଙ୍କର ସେବାଯତ୍ନ କରୁଥିଲେ । ଆପଣ[ର.ଅ] ତାହା ପାଇଁ ପାଣି ଆଣି ଦେଉଥିଲେ ଏବଂ ତାହାର କାର୍ଯ୍ୟ ମଧ୍ୟ କରି ଦେଉଥିଲେ । ଏକଦା ଯେତେବେଳେ ହ. ଅବୁ ବକର[ର.ଅ] ଉକ୍ତ ବୃଦ୍ଧା ମହିଳା ଘରକୁ ଗଲେ ସେତେବେଳେ ଜଣା ପଡ଼ିଲା ଯେ, ହ. ଅବୁ ବକର[ର.ଅ]ଙ୍କ ପହଞ୍ଚିବା ପୂର୍ବରୁ ହିଁ ଉକ୍ତ ବୃଦ୍ଧା ମହିଳାଙ୍କ କାର୍ଯ୍ୟ ଜଣେ ଅଜ୍ଞାତ ବ୍ୟକ୍ତି କରିଦେଇଛନ୍ତି । ସୁତରାଂ ଆର ଥରକୁ ଯେତେବେଳେ ହ. ଉମର୍[ର.ଅ] ଆଗତୁରା ଉକ୍ତ ବୃଦ୍ଧା ମହିଳା ଘରକୁ ଗଲେ ସେତେବେଳେ ଘରେ ଯାଇ ଲୁଚିଗଲେ ଏବଂ ଦେଖିଲେ ଯେ, ହ. ଅବୁ ବକର ସେହି ବୃଦ୍ଧା ମହିଳା ଘରକୁ ଆସୁଛନ୍ତି ଏବଂ ତା'ର କାମ ସବୁ କରି ଦେଉଛନ୍ତି । ହ. ଅବୁ ବକର[ର.ଅ] ବୃଦ୍ଧାଙ୍କ ପ୍ରତି ସେବା ଓ ସାହାଯ୍ୟ ଖିଲାଫତ୍ କାଳରେ କରିଥିଲେ । ସୁତରାଂ ହ. ଉମର୍[ର.ଅ] କହିଲେ ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ହ. ଅବୁ ବକର[ର.ଅ] ହିଁ ସେହି ବ୍ୟକ୍ତି ଯିଏ ପୁଣ୍ୟରେ ମୋ ଠାରୁ ସର୍ବଦା ସର୍ବାଗ୍ରେ ରହିଥିଲେ । **(ତାରିଖୁଲ୍ ଖୁଲଫା, ଲେଖକ-ଜଲାଲୁଦ୍ଦୀନ୍ ଅସ୍ ସୁୟୁତୱୀ ହାଲାତେ ଅବୁ ବକର ସିଦ୍ଦିକ୍ ର.ଅ, ପୃ-64, ପ୍ରକାଶନ ବର୍ଷ 1999 ମସିହା, ସ୍ଥାନ-ବୈରୁତ୍)**

ଏକ ବର୍ଣ୍ଣନାରେ ମୁସା ବିନ୍ ଇସ୍‌ମାଇଲ୍ ବର୍ଣ୍ଣନା କଲେ ଯେ, ମୁଅତମିର୍ ନିଜର ପିତାଶ୍ରୀଙ୍କ ଠାରୁ ବର୍ଣ୍ଣନା କରୁଛନ୍ତି ଯେ, ଅବୁ ଉସମାନ୍ ଆମ ଆଗରେ ବର୍ଣ୍ଣନା କଲେ ଯେ, ହ. ଅବଦ୍ଦୁର୍ ରହେମାନ୍ ବିନ୍ ଅବି ବକର[ର.ଅ] ତାଙ୍କୁ କହିଲେ ଯେ, ସୁଫାବାସୀମାନେ ଅତ୍ୟନ୍ତ ଅଭାବି ବ୍ୟକ୍ତି ଥିଲେ । ଏକଦା ନବୀ କରୀମ୍[ସ.ଅ] କହିଲେ, ଯେଉଁ ବ୍ୟକ୍ତି ନିକଟରେ ଦୁଇ ଜଣଙ୍କର ଆହାର ଥିବ ତେବେ ସେ ତୃତୀୟ ବ୍ୟକ୍ତିକୁ ନେଇ ଆସୁ ଏବଂ ଯାହା ନିକଟରେ ଚାରି ଜଣଙ୍କ ପାଇଁ ଖାଦ୍ୟ ବା ଆହାର ରହିଛି ତେବେ ସେ ପଞ୍ଚମ ବ୍ୟକ୍ତିକୁ ନେଇ ଆସୁ ଅବା ଷଷ୍ଠ ବ୍ୟକ୍ତିକୁ ନେଇ ଆସୁ । ଅର୍ଥାତ ସୁଫାବାସୀମାନେ ଅତ୍ୟନ୍ତ ଦରିଦ୍ର ବ୍ୟକ୍ତି ଥିଲେ ଓ ଅଭାବ ଅନଟନ ତଥା ଅନାହାର ଅବସ୍ଥା ଦେଇ ଗତି କରୁଥିଲେ । ତେଣୁ ଆଁହଜରତ[ସ.ଅ] ସେମାନଙ୍କୁ କହିଲେ, ହେ ସାହାବାଗଣ! ଆପଣମାନେ କୁଫାବାସୀଙ୍କୁ ନିଜ ସହିତ ଯାଆନ୍ତୁ ଓ ସେମାନଙ୍କୁ ଖାଦ୍ୟା ଖାଇବାକୁ ଦିଅନ୍ତୁ । ଅବୁ ବକର[ର.ଅ] ତିନି ଜଣ ବ୍ୟକ୍ତିଙ୍କୁ ନିଜ ସହିତ ଘରକୁ ଆମନ୍ତ୍ରିତ କରିଥିଲେ ଏବଂ ନବୀ କରୀମ[ସ.ଅ] ଦଶ ଜଣ ବ୍ୟକ୍ତିଙ୍କୁ ନିଜ ସାଥିରେ ନେଇ ଆସିଲେ । ଏହି ତିନି ଜଣ ଅତିଥିଙ୍କ ବ୍ୟତୀତ ଘରେ ଆହୁରି ତିନିଜଣ ବ୍ୟକ୍ତି ଥିଲେ । ହ. ଅବ୍‌ଦ୍ଦୁର ରହେମାନ କହୁଥିଲେ, ମୁଁ ମୋର ପିତାଶ୍ରୀ ଓ ମୋର ମାତାଶ୍ରୀ ଘରେ ତିନିଜଣ ସଦସ୍ୟ ଥିଲୁ ଅତିଥିଙ୍କ ବ୍ୟତୀତ। ବର୍ଣ୍ଣନାକାରୀ କୁହନ୍ତି ଯେ, ମୁଁ ଜାଣି ନାହିଁ ଯେ, ଘରେ ଅବ୍‌ଦ୍ଦୁର ରହେମାନ ଥିଲେ ଅବା ମୋର ପତ୍ନୀ ଥିଲେ କିମ୍ବା ମୋର ସେବକ ଯେକି ଆମ ଘରେ ଓ ହ. ଅବୁବକର[ର.ଅ]ଙ୍କ ଘରେ ମିଳିତ ଭାବରେ କାର୍ଯ୍ୟ କରୁଥିଲା। ଘଟଣା କ୍ରମଟି ଏହିପରି ଯେ, ହ. ଅବୁ ବକର[ର.ଅ] ନବୀ[ସ.ଅ]ଙ୍କ ଘରେ ସନ୍ଧ୍ୟା ସମୟର ଭୋଜନ କଲେ ଅବା ସେହିଠାରେ ହିଁ ରହିଲେ । ଏପର୍ଯ୍ୟନ୍ତକି ଆପଣ [ସ.ଅ] ଇଶା ନମାଜ ପଢିଲେ ଓ ପୁନଃ ଘରକୁ ଫେରି ଆସିଲେ । ଅତିଥିମାନଙ୍କୁ ଘରକୁ ନେଇ ଯାଇଥିଲେ । କିନ୍ତୁ ଆଁହଜରତ[ସ.ଅ]ଙ୍କ ପାଖରେ ରହିଥିଲେ ଏବଂ ସେହିଠାରେ ହିଁ ଖାଦ୍ୟ ଖାଇଲେ ଓ ପୁନଶ୍ଚ ସେଠାରୁ ଫେରି ଆସିଲେ। ବର୍ଣ୍ଣନା କରାଯାଏ ଯେ, ସେଠାରେ ଏତେ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଲେ ଯେ, ରସୁଲଲ୍ଲାଃ ସ.ଅଙ୍କ ସହିତ ସେମାନେ ସନ୍ଧ୍ୟା ଭୋଜନ କଲେ ଓ ବିଳମ୍ବିତ ରାତ୍ରୀ ଯାପନ ପରେ ଯେତେ ଅଲ୍ଲାଃତାଲା ଚାହିଁଲେ ସେତକ ରାତ୍ରୀ ଯାପନ କରି ଫେରି ଆସିଲେ । ତାଙ୍କର ପତ୍ନୀ ତାଙ୍କୁ କହିଲେ, ଆପଣଙ୍କୁ କେଉଁ କେଉଁ କଥା ଅଟକାଇ ରଖିଛି ? ଅର୍ଥାତ ଆପଣ ଏତେ ବିଳମ୍ବ କାହିଁକି କଲେ। ହ. ଅବୁ ବକର[ର.ଅ] କହିଲେ: କ'ଣ ତୁମେ ତାଙ୍କୁ ଖାଦ୍ୟ ଖୁଆଇ ବା ଖାଦ୍ୟ ଖାଇବାକୁ ଦେଇ ନାହଁ ? ସେ କହିବାକୁ ଲାଗିଲେ ଯେ, ସେମାନେ ଆପଣ ସ.ଅଙ୍କ ନଆସିବା ପର୍ଯ୍ୟନ୍ତ ଖାଦ୍ୟାସନ୍ନରେ ବସିଲେ ନାହିଁ ଏବଂ କହିଲେ ଯେପର୍ଯ୍ୟନ୍ତ ଆପଣ[ସ.ଅ] ଆସିଯାଇ ନାହାନ୍ତି ସେପର୍ଯ୍ୟନ୍ତ ଆମେମାନେ ଖାଦ୍ୟାସନ୍ନରେ ବସିବୁ ନାହିଁ । ଅତିଥିମାନେ କହିଲେ ଯେପର୍ଯ୍ୟନ୍ତ ହ. ଅବୁ ବକର[ର.ଅ] ଆସିଯାଇ ନାହାନ୍ତି ସେପର୍ଯ୍ୟନ୍ତ ଆମେମାନେ ଖାଇବୁ ନାହିଁ । ସେମାନେ ତ' ଅତିଥିମାନଙ୍କୁ ଖାଦ୍ୟ ଉପସ୍ଥାପିତ କରି ଦେଇଥିଲେ, ତାଙ୍କର ପତ୍ନୀ କହିବାକୁ ଲାଗିଲେ ମୁଁ ତ' ଅତିଥିମାନଙ୍କୁ ଖାଦ୍ୟ ପରସି ଦେଇଥିଲି। କିନ୍ତୁ ଅତିଥିମାନେ ତାଙ୍କ କଥାରେ ରାଜି ହେଲେ ନାହିଁ । ହ. ଅବଦ୍ଦୁର୍ ରହେମାନ[ର.ଅ] କହୁଥିଲେ ଯେ, ମୁଁ ଯାଇ ଲୁଚି ପଡ଼ିଲି । ମୁଁ ସେମାନଙ୍କ ଠାରୁ ଏଇଥିପାଇଁ ଲୁଚି ପଡ଼ିଲି ଯେ, ହ. ଅବୁ ବକର[ର.ଅ]ଙ୍କ ଠାରୁ ମୁଁ ଯେପରି ଗାଳି ଗୁଲଚ ନଶୁଣେ ଯେ, ମୁଁ ଅତିଥିମାନଙ୍କୁ କାହିଁକି ଖାଦ୍ୟ ଖୁଆଲି ନାହିଁ ? ହ. ଅବୁ ବକର[ର.ଅ] ପୁନଶ୍ଚ କହିଲେ, ଆରେ ମୂର୍ଖ ! ସେମାନେ ମୋତେ ବହୁତ ଅଳସୁଆ ବୋଲି କହିଲେ, ଅବଦ୍ଦୁର୍ ରହେମାନ[ର.ଅ]ଙ୍କ ସୁପୁତ୍ରପ କୁହନ୍ତି ଯେ, ହ. ଅବୁ ବକର[ର.ଅ] ଅତିଥିମାନଙ୍କୁ କହିଲେ, ଆପଣମାନେ ଭୋଜନ ଗ୍ରହଣ କରନ୍ତୁ ଏବଂ ସ୍ୱୟଂ ହ. ଅବୁ ବକର[ର.ଅ] ରାଣ ଖାଇନେଲେ ଯେ, ମୁଁ କଦାପି ଭୋଜନ ଗ୍ରହଣ କରିବି ନାହିଁ । ହ. ଅବ୍‌ଦ୍ଦୁର୍ ରହେମାନ କହୁଥିଲେ ଯେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ଆମେମାନେ ଖାଇବାର ଯେଉଁ ମୁଠାଏ ପାଟି ଭିତରକୁ ନେଉଥିଲୁ ସେହି ଖାଦ୍ୟ ମୁଠାର ତଳ ଭାଗରୁ ଏହାଠୁ ଅଧିକ ଖାଦ୍ୟ ବୃଦ୍ଧି ପାଉଥିଲା । ସେମାନେ (ଅତିଥିମାନେ) ଏତେ ଖାଇଲେ ଯେ, ସେମାନଙ୍କର ପେଟ ପୁରିଗଲା ଏବଂ ସେମାନଙ୍କ ନିକଟରେ (ପାତ୍ରରେ) ଯେତେ ଖାଦ୍ୟ ରହିଥିଲା ତାହାଠୁ ବି ଅଧିକ ଖାଦ୍ୟ ହୋଇଗଲା ।

ଅତିଥିମାନଙ୍କୁ ଖାଦ୍ୟ ଖୁଆଇଲେ । ଅତିଥିମାନେ ଖାଦ୍ୟ ଖାଇ ଚାଲୁଥିଲେ, କିନ୍ତୁ ସେହି ଖାଦ୍ୟ ଯେତିକି ସେତିକି ରହିଥିଲା ତାହା ନୁହେଁ । ବରଂ ତାହାଠୁ ବି ଅଧିକ ଥିଲା । ଅତଃ ହ. ଅବୁ ବକର[ର.ଅ] ନିଜେ ପତ୍ନୀଙ୍କୁ କହିଲେ, ହେ ବନି ଫିରାସର ଭଉଣୀ ! ଏସବୁ କ'ଣ ? ହ. ଅବୁ ବକର[ର.ଅ]ଙ୍କ ପତ୍ନୀ କହିଲେ, ମୁଁ ନିଜ ଆଖିର ଶୀତଳତାର ରାଣ ଖାଇ କହୁଛି ! ଏହା ତ' ବର୍ତ୍ତମାନ ପୂର୍ବାପେକ୍ଷା ତିନିଗୁଣା ଠାରୁ ଅତିରିକ୍ତ ଅଟେ । ଅର୍ଥାତ ଏତେ ଖାଦ୍ୟ ବୃଦ୍ଧି ପାଇଛି । ହ. ଅବୁ ବକର[ର.ଅ] ମଧ୍ୟ ତାହାକୁ ଖାଇଲେ ଏବଂ କହିବାକୁ ଲାଗିଲେ ମୁଁ ଯେଉଁ କଥା କହିଥିଲି, ରାଣ ଖାଇଥିଲି ସେହି କଥା ବା ବାକ୍ୟ ତ' ଶୈତାନର କଥା ଥିଲା । ଅର୍ଥାତ ଶୈତାନର ପ୍ରରୋଚନା କ୍ରମେ ମୁଁ ଖାଦ୍ୟ ନଖାଇବାର ରାଣ ଖାଇଥିଲି । କିନ୍ତୁ ଯେତେବେଳେ ମୁଁ ଖାଦ୍ୟର ପରିମାଣ ଦେଖିଲି ଯେ, ତହିଁରେ କଲ୍ୟାଣ ପଡ଼ିଛି ତେବେ ସେପରିପ୍ରେକ୍ଷୀରେ ଉକ୍ତ କଥାଟି ଶୈତାନ୍ ମୋ ପାଟିରୁ ଉଚ୍ଚାରଣ କରାଇଥିଲା । କିନ୍ତୁ ଏହି କଲ୍ୟାଣମୟ ଖାଦ୍ୟକୁ ମୁଁ

ଅବଶ୍ୟ ଖାଇବି । ପୁନଶ୍ଚ ଆପଣର.ଅ ଉକ୍ତ ଖାଦ୍ୟରୁ ମୁଠାଏ ଆହାର ଖାଇଲେ। ଏହାପରେ ସେହି ଖାଦ୍ୟକୁ ଧରି ଆଁହଜରତସ.ଅଙ୍କ ନିକଟକୁ ନେଇଗଲେ ଏବଂ ତାହା (ଖାଦ୍ୟ) ସକାଳ ପର୍ଯ୍ୟନ୍ତ ଆଁହଜରତସ.ଅଙ୍କ ନିକଟରେ ରହିଥିଲା। କୁହନ୍ତି ଯେ, ଆମ ମଧ୍ୟରେ ଓ ଅନ୍ୟ ଏକ ଜାତି ମଧ୍ୟରେ ଏକ ଚୁକ୍ତି ହୋଇଥିଲା ଏବଂ ତା'ର ମିଆଦ (ସମୟ ସୀମା) ଶେଷ ହୋଇଯାଇଥିଲା । ଆମେ ବାର ଜଣ ବ୍ୟକ୍ତିଙ୍କୁ ପୃଥକ ପୃଥକ ବସାଇଲୁ ଏବଂ ତନ୍ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ କିଛି ଲୋକମାନେ ଥିଲେ । ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତି ସହିତ କେତେ ଲୋକ ଥିଲେ। କିନ୍ତୁ ଏକଥା ସତ୍ୟ ଯେ, ଆପଣସ.ଅ ସେହି ଲୋକମାନଙ୍କୁ ସେହି ବ୍ୟକ୍ତିମାନଙ୍କ ସହିତ ପ୍ରେରଣ କରିଥିଲେ । ଅର୍ଥାତ ଚର୍ଚ୍ଚାଯୋଗ୍ୟ ବ୍ୟକ୍ତିଙ୍କ ସଂଖ୍ୟା ରହିଥିଲା। ହ. ଅବଦ୍ଦୁର ରହେମାନର.ଅ କହୁଥିଲେ ଯେ, ସେହି ସମସ୍ତ ବ୍ୟକ୍ତିମାନେ ଖାଦ୍ୟ ଖାଇଲେ ଅବା କିଛି ଏହିପରି କଥା କହିଲେ । ସୁତରାଂ ଅଲ୍ଲାଃତାଲା ହ. ଅବୁ ବକରର.ଅଙ୍କ ଆହାରରେ ମଧ୍ୟ ଏହିପରି କଲ୍ୟାଣ ପ୍ରଦାନ କରିଥିଲେ । **(ସହୀହୁଲ୍ ବୁଖାରୀ, କିତାବୁଲ୍ ମନାକିବି, ବାବୁ ଅଲାମାତିନ୍ ନୁବୁୱତା ଫିଲ୍ ଇସଲାମି, ହଦିସ୍ ନଂ-3581)**

ହ. ଅବଦ୍ଦୁର୍ ରହେମାନ ବିନ୍ ଅବୁ ବକରର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃସ.ଅ କହିଲେ : ତୁମମାନଙ୍କ ମଧ୍ୟରୁ ଏପରି କେହି ବ୍ୟକ୍ତି ଅଛନ୍ତି ଯିଏ ଆଜି କୌଣସି ଅଭାବି ଦରିଦ୍ର ବ୍ୟକ୍ତିକୁ ଖାଦ୍ୟ ଖୁଆଇଛନ୍ତି ? ହ. ଅବୁ ବକରର.ଅ କହିଲେ, ମୁଁ ଯେତେବେଳେ ମସ୍ଜିଦରେ ପ୍ରେବେଶ କଲି ସେତେବେଳେ ଜଣେ ଭିକ୍ଷୁକ ଭିକ୍ଷା ମାଗିଲା । ମୁଁ ଅବ୍ଦ୍ଦୁର ରହେମାନଙ୍କ ହସ୍ତରେ ରୁଟିର ଏକ ଖଣ୍ଡ ଦେଖିଲି । ମୁଁ ତା'ଙ୍କ ପାଖରୁ ରୁଟିର ସେହି ଖଣ୍ଡ ନେଇ ନେଲି ଏବଂ ସେହି ଭିକ୍ଷୁକକୁ ଦେଇଦେଲି । **(ସୁନନ୍ ଅବି ଦାଊଦ୍ କିତାବୁଜ୍ ଜକାତ୍, ବାବୁଲ୍ ମସଅଲତୁ ଫିଲ୍ ମସାଜିଦି, ହଦିସ୍ ନଂ-1670)** ଭିକ୍ଷୁକ ଏହିପରି ଭିକ୍ଷା ମାଗିଥିଲା । ମୋ ପୁତ୍ର ହସ୍ତରେ ରୁଟି ଥିଲା, ତେଣୁ ମୁଁ ତା' ପାଖରୁ ସେହି ରୁଟି ନେଇ ନେଲି ପୁନଶ୍ଚ ସେହି ଭିକ୍ଷୁକକୁ ଦେଇ ଦେଲି ।

ହ. ମୁସ୍ଲେହ୍ ମଉଦ୍ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଅବୁ ବକରର.ଅଙ୍କ ସୁପୁତ୍ର ହ. ଅବ୍ଦ୍ଦୁର୍ ରହେମାନର.ଅ ମଧ୍ୟ ଖିଲାଫତ୍ ପାଇଁ ଯୋଗ୍ୟ ବ୍ୟକ୍ତି ଥିଲେ । ଲୋକମାନେ କହିଲେ, ତାଙ୍କର ସ୍ୱଭାବ ହ. ଉମରର.ଅଙ୍କ ସ୍ୱଭାବ ଠାରୁ କୋମଳ ଅଟେ ଏବଂ ମାନ ମର୍ଯ୍ୟାଦାରେ ମଧ୍ୟ ସେ ତାଙ୍କ ଠାରୁ କିଛି କମ୍ ନୁହନ୍ତି । ତାଙ୍କୁ ହିଁ ହ. ଅବୁ ବକରର.ଅଙ୍କ ପରେ ଖଲିଫା କରାଯିବା ଉଚିତ । କିନ୍ତୁ ହ. ଅବୁ ବକରର.ଅ ଓ ହ. ଉମର୍ର.ଅଙ୍କ ସ୍ୱଭାବରେ ମତାନ୍ତର ଏବଂ ଅମେଳ ସତ୍ତ୍ୱେ ମଧ୍ୟ ହ. ଅବୁ ବକରର.ଅ ହ. ଉମର.ଅଙ୍କୁ ହିଁ ଖିଲାଫତ୍ ନିମନ୍ତେ ମନୋନୀତ କଲେ । ସୁତରାଂ ହ. ଅବୁ ବକରର.ଅଙ୍କୁ ଖିଲାଫତରୁ କୌଣସି ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରି ନଥିଲେ । ବରଂ ଆପଣର.ଅ ସର୍ବଦା ମାନବ ସେବା କରିବା ପ୍ରତି ଯତ୍ନବାନ ଥିଲେ ।

ହ. ମୁସ୍ଲେହ୍ ମଉଦ୍ର.ଅ କୁହନ୍ତି,"ସନ୍ଥମାନଙ୍କର ଏକ ବର୍ଣ୍ଣନା ରହିଛି (ୱଲ୍ଲାଃହୁ ଆଲମ୍ ତାହା କେଉଁ ପର୍ଯ୍ୟନ୍ତ ସତ୍ୟ )ଯେ, ହ. ଅବୁ ବକରର.ଅଙ୍କ ବିୟୋଗ ପରେ ହ. ଉମର୍ର.ଅ ହ. ଅବୁ ବକରର.ଅଙ୍କର ଏକ ଦାସକୁ ପଚାରିଲେ ହେ ଦାସ ! ତୁମର ମାଲିକ ତୁମ ଠାରୁ କେଉଁ କେଉଁ ପୁଣ୍ୟ କାର୍ଯ୍ୟ ହାସଲ କରୁଥିଲେ ? କାରଣ ମୁଁ ମଧ୍ୟ ତୁମ ଠାରୁ ସେହିଭଳି କାର୍ଯ୍ୟ ହାସଲ କରିବି । ସମସ୍ତ ପୁଣ୍ୟ କାର୍ଯ୍ୟ ବ୍ୟତୀତ ସେହି ଦାସ ଜଣକ ଆଉ ଏକ କାର୍ଯ୍ୟ ସଂକ୍ରାନ୍ତରେ ମଧ୍ୟ କହିଲା ଯେ, ହ. ଅବୁ ବକରର.ଅ ପ୍ରତିଦିନ ଖଣ୍ଡେ ରୁଟି, ("ଖାଇବା") ଧରି ଅମକ ବ୍ୟକ୍ତି ଅଭିମୁଖେ ଯାଉଥିଲେ ଏବଂ ମୋତେ ଗୋଟିଏ ସ୍ଥାନରେ ଛିଡ଼ା କରିଦେଇ ଆଗକୁ ଅଗ୍ରସର ହେଉଥିଲେ । ମୁଁ ଏହା ତ' କହିପାରିବି ନାହିଁ ଯେ, ଆପଣ କେଉଁ ଉଦ୍ଦେଶ୍ୟ ରଖି ସେଠାକୁ ଯାଉଥିଲେ। ସୁତରାଂ ହ. ଉମର୍ ର.ଅ ସେହି ଦାସକୁ ଧରି ସେହି ସ୍ଥାନ ଅଭିମୁଖେ ଆହାର ଧରି ବାହାରି ପଡ଼ିଲେ । ଉକ୍ତ ସ୍ଥାନରେ ପହଞ୍ଚି ଦେଖିଲେ ଯେ, ଏକ ଗୁମ୍ଫାରେ ଏକ ଭିନ୍ନକ୍ଷମ ଅନ୍ଧ ବ୍ୟକ୍ତି ବସିଥିଲା ଯାହାର ହାତ ଗୋଡ଼ ନଥିଲା। ହ. ଉମର୍ର.ଅ ତା' ପାଟିରେ ରୁଟିର ଏକ ଟୁକୁଡ଼ାଟିଏ ଦେଲେ ସେଥିରେ ସେହି ଅନ୍ଧ ବ୍ୟକ୍ତି ଜଣକ କାନ୍ଦିବାକୁ ଲାଗିଲା ଏବଂ କହିବାକୁ ଲାଗିଲା ଯେ, ଅଲ୍ଲାଃତାଲା ହ. ଅବୁ ବକରର.ଅଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ। କାରଣ ସେ କେତେ ମହାନ ତଥା ପୁଣ୍ୟବାନ ବ୍ୟକ୍ତି ଥିଲେ ? ହ. ଉମର୍ର.ଅ ପଚାରିଲେ, ତୁମେ କିପରି ଜାଣିଲ ଯେ, ହ. ଅବୁ ବକରର.ଅ ମୃତ୍ୟୁ ବରଣ କରିସାରିଛନ୍ତି ? ସେହି ଅନ୍ଧ ବ୍ୟକ୍ତି ଜଣକ କହିଲା, ମୋ ପାଟିରେ ଦାନ୍ତ ନାହିଁ ଏଣୁ ହ. ଅବୁ ବକରର.ଅ ନିଜ ଦାନ୍ତରେ ରୁଟିକୁ ଚୋବେଇ ମୋ ପାଟିରେ ଦେଉଥିଲେ । ଆଜି ଯେହେତୁ ରୁଟିର ଟୁକୁଡ଼ାଗୁଡ଼ିକ ଟାଣ ଲାଗିଲା ତେଣୁ ମୁଁ ଜାଣି ନେଲି ଯେ, ମୋତେ ଆହାର ଦେଉଥିବା ବ୍ୟକ୍ତି ଓ ରୁଟିର ଟୁକୁଡ଼ା ବୋଧେ ମୋତେ ଆଉ କେହି ବ୍ୟକ୍ତି ଚୋବେଇ ଦେଉଛି । ପୁନଶ୍ଚ ହ. ଅବୁ ବକରର.ଅ କୌଣସି ଦିନ ରୁଟି ଖୁଆଇବା ବନ୍ଦ (ଅନୁପସ୍ଥିତ) କରନ୍ତି ନାହିଁ । କିନ୍ତୁ ଏଇ କେଇଟା ଦିନ ନଆସିବାରୁ ଏହା ପ୍ରତୀତ ହେଉଛି ଯେ, ହ. ଅବୁ ବକରର.ଅ ବୋଧେ ଆଉ ଏହି ଦୁନିଆରେ ନାହାନ୍ତି । ହ. ମୁସ୍ଲେହ୍ ମଉଦ୍ର.ଅ କୁହନ୍ତି ଯେ, ସୁତରାଂ ତାହା କେଉଁ ବସ୍ତୁ ଯାହାକୁ ହ. ଅବୁ ବକରର.ଅ ସମ୍ରାଟତ୍ୱ ଅଧିକାର ତଥା ସମ୍ରାଟତ୍ୱ ବଳରେ ପ୍ରାପ୍ତ କରିଥିଲେ? ଆପଣର.ଅଙ୍କୁ ଯେଉଁ ଖିଲାଫତ୍ ଅବା ସମ୍ରାଟତ୍ୱ ମିଳିଲା ତା' ବଳରେ ତ' ଆପଣ ସ.ଅ କିଛି ପ୍ରାପ୍ତ କରିନେଲେ ନାହିଁ କି ସରକାରୀ ଅର୍ଥକୁ ଆପଣ ର.ଅ ନିଜର ବୋଲି ବିବେଚିତ କଲେ ନାହିଁ ? କଦାପି ନୁହଁ । ତାଙ୍କୁ ଯେଉଁ ସାମଗ୍ରୀ ତଥା ଜିନିଷ ସବୁ ପ୍ରାପ୍ତ ହେଲା ତାହା ତାଙ୍କର ବ୍ୟକ୍ତିଗତ ସମ୍ପତ୍ତିରୁ ହିଁ ପ୍ରାପ୍ତ ହୋଇଥିଲା। ନା କି ସରକାରଙ୍କ ସମ୍ପତ୍ତିରୁ ଓ ରାଜକୋଷରୁ । ହ. ଅବୁ ବକରର.ଅ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ଥିଲେ ଯେ, ତାଙ୍କୁ ଏହି ସେବା କରିବାର ସୁଯୋଗ କେବଳ ସେବା ବଳରେ ହିଁ ପ୍ରାପ୍ତ ହୋଇଥିଲା । ହ. ଅବୁ ବକରର.ଅଙ୍କ ଠାରେ ଯେଉଁ ତଫାତ୍ ରେହିଥିଲା ତାହା ତାଙ୍କର ମାନବା ସେବା ହିଁ ଥିଲା ଯାହାକି ତାଙ୍କୁ ଅନନ୍ୟ ତଥା ସ୍ୱତନ୍ତ୍ର ପରିଚୟ ପ୍ରଦାନ କରି ପାରିଥିଲା ।

**(ଖୁତ୍ବାତେ ମେହମୁଦ୍ ଭାଗ-17, ପୃ-494-495)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଅଲ୍ଲାଃତାଲାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ଏବଂ ଭକ୍ତମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ଧର୍ମ ବିଧାନର ଦୁଇଟି ଅଭିନ୍ନ ଅଙ୍ଗ ଅଟେ । ଆଁହଜରତସ.ଅଙ୍କୁ ଦେଖିନିଅ ଯେ, କିଭଳି ଭାବରେ ଉଭୟ ସେବା କରିବାରେ ହିଁ ଆପଣସ.ଅଙ୍କର ସମଗ୍ର ଜୀବନ ଅତିବାହିତ ହୋଇଗଲା । ହ. ଅଲୀର.ଅଙ୍କୁ ଦେଖ ଯେ, ଏତେ ନଥା ପଡ଼ିଥିବା ବସ୍ତ୍ର ପିନ୍ଧୁଥିଲେ । ହ. ଅବୁ ବକରର.ଅ ଏକ ବୃଦ୍ଧା ମହିଳାଙ୍କୁ ମିଷ୍ଟ ଖାଦ୍ୟ ଖୁଆଇବା ନିଜର ଦୈନିକ ଅଭ୍ୟାସରେ ପରିଣତ କରି ନେଇଥିଲେ । ଧ୍ୟାନ ଦିଅ ଯେ, ଏହା କିଭଳି ବ୍ୟବସ୍ଥା ଥିଲା ? ହ. ଅବୁ ବକରର.ଅ ଯେତେବେଳେ ମୃତ୍ୟୁ ବରଣ କଲେ ସେତେବେଳେ ସେହି ବୃଦ୍ଧା ମହିଳା ଜଣକ କହିଲା ଯେ, ଆଜି ହ. ଅବୁ ବକର ର.ଅଙ୍କ ମୃତ୍ୟୁ ଘଟିଛି । ପଡ଼ୋଶୀମାନେ ପଚାରିଲେ, ତୋତେ କ'ଣ ହ. ଅବୁ ବକରର.ଅଙ୍କ ବିୟୋଗ ସଂପର୍କରେ କୌଣସି ଐଶୀବାଣୀ ହୋଇଛି କି ? ସେ କହିଲା ନା ବରଂ ଆଜି ହ. ଅବୁ ବକରର.ଅ ହାଲୁଆ ଆଣି ନାହାନ୍ତି । ତେଣୁ ତହିଁରୁ ମୋତେ ଏହା ପ୍ରତୀତ ହେଲା ଯେ, ସମ୍ଭବତଃ ତାଙ୍କର ଦେହାନ୍ତ ହୋଇଯାଇଛି । ଅର୍ଥାତ ହାଲୁଆ ଆଣିବାରେ ହ. ଅବୁ ବକରର.ଅ ଏପରି ଅନିୟମିତତା କେବେ କରି ନାହାନ୍ତି । ହ. ମସିହ୍ ମଉଦ୍ଅ.ସ କୁହନ୍ତି, ଦେଖ ! କିଭଳି ହ. ଅବୁ ବକରର.ଅଙ୍କର ମାନବ ସେବା ରହିଥିଲା ? ତେଣୁ ପ୍ରତ୍ୟେକ ବ୍ୟକ୍ତିକୁ ଏହିଭଳି ମାନବ ସେବା କରିବା ଉଚିତ ।

**(ମଲଫୁଜାତ୍. ଭାଗ-6, ପୃ-54, ସଂସ୍କରଣ-1984 ମସିହା)**

ହ. ଅବୁ ବକରର.ଅ ପରର ଦୋଷ ଦୁର୍ବଳତାକୁ ଲୁଚାଇବାର ଯେଉଁ ସ୍ତର ରହିଥିଲା ତତ୍‌ସଂକ୍ରାନ୍ତରେ ଏକ ବର୍ଣ୍ଣନା ଉଲ୍ଲେଖ ରହିଛି । ହ. ଅବୁ ବକରର.ଅ କହୁଥିଲେ ଯେ, ମୁଁ ଯେତେବେଳେ ଚୋରକୁ ଧରୁଥିଲି ସେତେବେଳେ ମୋର ସବୁଠୁ ବଡ଼ ଅଭିଳାଷା ଏହା ହେଉଥିଲା ଯେ, ପ୍ରଭୁ ତ'ର ଦୋଷ ଦୁର୍ବଳତା ଉପରେ ଘଣ୍ଟ ଘୋଡ଼ାଇ ତା'କୁ କ୍ଷମା ପ୍ରଦାନ କରନ୍ତୁ । **(ଅତ୍‌ତବ୍‌କାତୁଲ୍ କୁବ୍ରା ଭାଗ-5, ପୃ-9, ବାବୁତ୍ ତବ୍‌କତୁଲ୍ ଉଲା ମିନ୍ ଅହ୍‌ଲିଲ୍ ମଦିନତି...... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବୈରୁତ୍ 2012 ମସିହା)**

ହ. ଅବୁ ବକରର.ଅଙ୍କ ସାହସିକତା ତଥା ବୀରତ୍ୱ ସଂପର୍କରେ ଉଲ୍ଲେଖ ରହିଛି ଯେ, ଆପଣ ର.ଅ ସାହସିକତା ଏବଂ ଧୈର୍ଯ୍ୟ ରକ୍ଷା କରିବାର ଏକ ଚଳନ୍ତି ପ୍ରତିମୂର୍ତ୍ତି ଥିଲେ । ବଡ଼ ବଡ଼ ବିପଦକୁ ସେ ଧର୍ମ ସକାଶେ କିମ୍ବା ନବୀ କରୀମ୍ ସ.ଅଙ୍କ ପ୍ରେମ ବଳରେ ଲଂଘି ଯାଉଥିଲେ । ମକ୍କୀୟ ଜୀବନରେ ଯେତେବେଳେ ଆପଣ ସ.ଅଙ୍କ ଅସ୍ତିତ୍ୱ ପାଇଁ କଷ୍ଟ କିମ୍ବା ଆଁହଜରତ ସ.ଅଙ୍କ ଜୀବନ ପ୍ରତି କୌଣସି ବିପଦର ଆଶଙ୍କା କରୁଥିଲେ ସେତେବେଳେ ସେ ସ୍ୱୟଂ ଆପଣ ସ.ଅଙ୍କ ସୁରକ୍ଷା ପାଇଁ ଏକ କାନ୍ଥ ତଥା ଚଟାଣ ପରି ସମ୍ମୁଖରେ ଛିଡ଼ା ହୋଇ ଯାଉଥିଲେ । ଶୋବେ ଅବି ତାଲିବ୍‌ରେ ତିନି ବର୍ଷ ପର୍ଯ୍ୟନ୍ତ ବନ୍ଦୀ ଜୀବନ ଅତିବାହିତ କରି ଅବିଚଳତା ପ୍ରଦର୍ଶନ କରିଥିଲେ ଏବଂ ସେହିଠାରେ ହିଁ ଉପସ୍ଥିତ ରହିଥିଲେ । ପ୍ରବାସ ସମୟରେ ମଧ୍ୟ ଆପଣର.ଅ ହୁଜୁରସ.ଅଙ୍କ ସାହଚର୍ଯ୍ୟତା ଏବଂ ସଙ୍ଗତ୍ୱର ସମ୍ମାନର ଅଧିକାରୀ ମଧ୍ୟ ହୋଇଥିଲେ । କିନ୍ତୁ ଏଥିପାଇଁ ଜୀବନ ପ୍ରତି ବଡ଼ ବିପଦ ମଧ୍ୟ ରହିଥିଲା । ଯେତେ ସଂଖ୍ୟକ ଯୁଦ୍ଧ ହୋଇଥିଲା ସେହି ସମସ୍ତ ଯୁଦ୍ଧରେ ଆପଣର.ଅ କେବଳ ସାମିଲ ହୋଇଥିଲେ

ତାହା ନୁହଁ ବରଂ ହୁଜୁରସ.ଅଙ୍କ ସୁରକ୍ଷା ଦାୟିତ୍ୱ ତାଙ୍କରି (ହ. ଅବୁ ବକର ର.ଅଙ୍କ) ଉପରେ ନ୍ୟସ୍ତ ରହିଥିଲା । ଆପଣର.ଅଙ୍କ ଏହି ଅଦମ୍ୟ ସାହସିକତା ଓ ବୀରତ୍ୱକୁ ଉପଲବ୍ଧି କରି ହ. ଅଲୀର.ଅ ଏକଦା ଲୋକମାନଙ୍କୁ ପଚାରିଲେ ଯେ, ହେ ଲୋକମାନେ ! ଲୋକମାନଙ୍କ ମଧ୍ୟରେ ସବୁଠୁ ବେଶି ସାହାସୀ ବ୍ୟକ୍ତି କିଏ ? ଲୋକମାନେ ଉତ୍ତର ଦେଲେ ଯେ, ହେ ଅମୀରୁଲ୍ ମୁମିନିନ୍! ଆପଣ ଅଟନ୍ତି । ହ. ଅଲୀର.ଅ କହିଲେ ମୋର ଯେଉଁଠି ପ୍ରସଙ୍ଗ ରହିଛି, ମୋର ସହିତ ଯେଉଁ ବ୍ୟକ୍ତି ଯୁଦ୍ଧ କଲା ମୁଁ ତା' ସହିତ ସଂପୂର୍ଣ୍ଣ ନ୍ୟାୟ କଲି ଅର୍ଥାତ ତା'ର କାମ ତମାମ କରିଦେଲି । କିନ୍ତୁ ସବୁଠୁ ବଡ଼ ସାହାସୀ ବ୍ୟକ୍ତି ହେଉଛନ୍ତି ହ. ଅବୁ ବକରର.ଅ ।

ଆମେମାନେ ଆଁହଜରତସ.ଅଙ୍କ ସକାଶେ ବଦର୍ ଯୁଦ୍ଧ ଦିନ ଶିବିର ସ୍ଥାପନ କଲୁ । ପୁନଶ୍ଚ ଆମେମାନେ କହିଲୁ କିଏ ସେହି ବୀର ସାହାସୀ ବ୍ୟକ୍ତି ଯିଏ ରସୁଲୁଲ୍ଲାଃସ.ଅଙ୍କ ସହିତ ରହିବ ? କାରଣ ଶତ୍ରୁ ଯେପରି ଆଁହଜରତସ.ଅଙ୍କ ପର୍ଯ୍ୟନ୍ତ ଯେପରି ନପହଞ୍ଚୁ । ତେବେ ଆପଣସ.ଅଙ୍କ ନିକଟକୁ କେହି ଆସିଲେ ନାହିଁ । କିନ୍ତୁ ହ. ଅବୁ ବକରର.ଅ ନିଜର ଖଡ଼ଗ ଧରି ରସୁଲୁଲ୍ଲାଃସ.ଅଙ୍କ ନିକଟରେ ଛିଡ଼ା ହୋଇଗଲେ । ଅର୍ଥାତ ରସୁଲୁଲ୍ଲାଃସ.ଅଙ୍କ ନିକଟକୁ କୌଣସି ଅବିଶ୍ୱାସକାରୀ ଯେପରି ପହଞ୍ଚିବ ନାହିଁ । କିନ୍ତୁ ଯଦିବି ଅବିଶ୍ୱାସକାରୀ ପହଞ୍ଚିଯାଏ ତେବେ ଉକ୍ତ ଅବିଶ୍ୱାସକାରୀ ସର୍ବ ପ୍ରଥମେ ହ. ଅବୁ ବକର ର.ଅଙ୍କ ସହିତ ମୁକାବିଲା କରିବ । ଅତଃ ହ. ଅବୁ ବକରର.ଅ ହିଁ ସବୁଠୁ ବଡ଼ ସାହାସୀ ବ୍ୟକ୍ତି ଅଟନ୍ତି ।

ଏହିପରି ବଦର୍ ଯୁଦ୍ଧରେ ଯେତେବେଳେ ରସୁଲୁଲ୍ଲାଃସ.ଅଙ୍କ ବୀରଗତି ପ୍ରାପ୍ତ କରିଛନ୍ତି ବୋଲି ଗୁଜବ ପ୍ରଚାରିତ ହୋଇଗଲା, ନାଉଜୁବିଲ୍ଲାଃ ସେତେବେଳେ ଆପଣର.ଅ ଭିଡ଼କୁ ଚିରି ରସୁଲୁଲ୍ଲାଃସ.ଅଙ୍କ ନିକଟରେ ପହଞ୍ଚିଲେ ଏବଂ ସେତେବେଳେ ଆଁହଜରତସ.ଅଙ୍କ ନିକଟରେ କେବଳ ୧୧ ଜଣ ସାହାବା ଉପସ୍ଥିତ ଥିଲେ । ଯହିଁରେ ହ. ଅବୁ ବକରର.ଅ , ହ. ସାଆଦ୍ର.ଅ ହ. ତଲହା ର.ଅ, ହ. ଜୁବୈର୍ର.ଅ, ହ. ଅବୁ ଦୁଜାନାର.ଅଙ୍କ ନାମ ଉଲ୍ଲେଖ ଥିବାର ପ୍ରମାଣ ମିଳେ । ଓହୋଦ୍ ଯୁଦ୍ଧରେ ଆଁହଜରତସ.ଅଙ୍କ ସୁରକ୍ଷା ପ୍ରହରୀଙ୍କ ମଧ୍ୟରେ କେତେକ ପ୍ରାଣୋତ୍ସର୍ଗୀ ସାହାବାମାନେ ମଧ୍ୟ ଉପସ୍ଥିତି ଥିଲେ ତନ୍ମଧ୍ୟରେ ହ. ଅବୁ ବକରର.ଅ ମଧ୍ୟ ଥିଲେ । ହେିପରି ଖନ୍ଦକ ଯୁଦ୍ଧରେ ହ. ଅବୁ ବକରର.ଅ ରସୁଲୁଲ୍ଲା ସ.ଅଙ୍କ ସହିତ ଥିଲେ ଏବଂ ଖନ୍ଦକ (ଗର୍ତ୍ତ) ଖନନ ସମୟରେ ଆପଣ ର.ଅ ନିଜ ବସ୍ତ୍ରରେ ମାଟି ଉଠାଇ ଫିଙ୍ଗୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ।

ସୁଲାହ୍ ହୁଦୈବିୟା ଅବସରରେ ପ୍ରାଣୋତ୍ସର୍ଗ କରିବା ପାଇଁ ବୈଅତ୍କାରୀଙ୍କ ମଧ୍ୟରେ ଆପଣ ର.ଅ ସାମିଲ୍ ତ' ଥିଲେ ସତ କିନ୍ତୁ ସୁଲାହ୍ ହୁଦୈବିୟାରେ ଯେତେବେଳେ ଚୁକ୍ତି ଉଲ୍ଲିଖିତ ହେଲା ସେତେବେଳେ ଆପଣର.ଅ ଯେଉଁ ଅପୂର୍ବ ବିଶ୍ୱାସମୂଳକ ସାହସିକତା ଏବଂ ଅବିଚଳତା, ବୁଦ୍ଧିମତା ଏବଂ ଆଜ୍ଞାକାରୀତା ତଥା ରସୁଲୁଲ୍ଲାଃସ.ଅଙ୍କ ପ୍ରତି ଥିବା ଅନାବିଳ ପ୍ରେମ ଓ ଆନ୍ତରିକତାମୂଳକ ଆଦର୍ଶ ଉପସ୍ଥାପିତ କିରଥିଲେ ତାହାକୁ ହ. ଉମର୍ର.ଅ ନିଜର ପରବର୍ତ୍ତୀ ଜୀବନରେ ଭୁଲି ନଥିଲେ ।

ତାଏଫ୍ ଯୁଦ୍ଧରେ ମଧ ହ. ଅବ ବକରର.ଅ ସାମିଲ ଥିଲେ ଏବଂ ତାଙ୍କର ସୁପୁତ୍ର ଅବ୍ଦୁଲ୍ଲାଃ ବିନ୍ ବକର ମଧ୍ୟ ସାମିଲ୍ ଥିଲେ । ହ. ଅବୁ ବକରର.ଅଙ୍କ ଏବି ଭେଣ୍ଟିଆ ସୁପୁତ୍ର ତାଏଫ୍ ଯୁଦ୍ଧରେ ବୀର ଗତି ପ୍ରାପ୍ତ କରିଥିଲେ। **(ସିରତ୍ ସୟେନା ସିଦ୍ଧିକେ ଅକବର (ସତ୍ୟବାଦୀ ଖଲିଫାଙ୍କ ଜୀବନୀ), ଅଧ୍ୟାପକ- ଉମର୍ ଅବୁନ୍ ନସର୍, ଉର୍ଦ୍ଦୁ ଅନୁବାଦ, ପୃ-354,367,369,376, ଅଲଫୁର୍କାନ୍ ଟ୍ରଷ୍ଟ ଖାନ୍ ଗଢ଼ ପାକିସ୍ତାନ)**

ପୁନଶ୍ଚ ରସୁଲୁଲ୍ଲାଃସ.ଅ ଯେତେବେଳେ ୩୦,୦୦୦ ସୈନ୍ୟଦଳ ଧରି ତୁବୁକ ଯୁଦ୍ଧ ନିମନ୍ତେ ବାରାହିରଲେ ସେତେବେଳେ ଆପଣସ.ଅ ବିଭନ୍ନ ସେନପତିମାନଙ୍କୁ ଏକ ଏକ ସୈନ୍ୟ ବାହିନୀର ସେନା ଭାବରେ ନିଯୁକ୍ତ କରି ସେମାନଙ୍କୁ ଧ୍ୱଜା ପ୍ରଦାନ କଲେ । ଇତ୍ୟବସରରେ ବିଶାଳ ଧ୍ୱଜା ହ. ଅବୁ ବକରର.ଅଙ୍କୁ ପ୍ରଦାନ କରାଯାଇଥିଲା । **(ସିରତ୍ ସୟେନା ସିଦ୍ଧିକେ ଅକବର,(ସତ୍ୟବାଦୀ ଖଲିଫାଙ୍କ ଜୀବନୀ), ଅଧ୍ୟାପକ-ଉମର୍ ଅବୁନ୍ ନସର୍, ପୃ-381, ମୁସ୍ତାକ ବୁକ୍ କର୍ଣ୍ଣର ଲାହୋର)**

ହ. ସଲ୍ମା ବିନ୍ ଅକୱା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କ ସାହଚର୍ଯ୍ୟତ୍ୱରେ ସାତଟି ଯୁଦ୍ଧରେ ଅଂଶ ଗ୍ରହଣ କଲି ଯେଉଁ ଅଭିଯାନରେ ଆପଣସ.ଅ ସ୍ୱୟଂ ସୈନ୍ୟବାହିନୀ ପ୍ରେରଣ କରିଥିଲେ ତନ୍ମଧ୍ୟରେ ୯ଟି ଅଭିଯାନରେ ମୋତେ ସାମିଲ ହେବାର ସୁଯୋଗ ପ୍ରାପ୍ତ ହେଲା । ସେହି ଅଭିଯାନଗୁଡ଼ିକରେ ଆମମାନଙ୍କର ନେତୃତ୍ୱ କେତେବେଳେ ହ. ଅବୁ ବକରର.ଅ ନେଉଥିଲେ ତ' ଆଉ କେତେବେଳେ ହ. ଉସ୍ସାମା ବିନ୍ ଜୈଦ୍ର.ଅ ଆମମାନଙ୍କର (ସୈନ୍ୟଦଳର) ନେତୃତ୍ୱ ନେଇଥିଲେ । **(ସିରତ୍ ସୟେଦିନା ସିଦ୍ଦେକ ଅକବର,ଅଧ୍ୟାପକ-ଉମର୍ ଅବୁନ୍ ନସର୍, ପୃ-356, ମୁସ୍ତାକ ବୁକ୍ କର୍ଣ୍ଣର ଲାହୋର)** ଏବଂ ଆଁହଜରତସ.ଅଙ୍କ ବିୟୋଗ ପରେ ଯେତେବେଳେ ସମଗ୍ର ଆରବ ଦେଶ ବା ବାସୀ ଧର୍ମଦ୍ରୋହୀ ପାଲଟି ଯାଇଥିଲେ ସେଭଳି ଉତ୍କଟ ପରିସ୍ଥିତିରେ ହ. ଅବୁ ବକରର.ଅ ଯେଉଁ ଅପୂର୍ବ ବ୍ୟବହାରିକ ବୀରତ୍ୱ ଓ ସାହାସିକତା ପ୍ରଦର୍ଶନ କଲେ ତାହା ଅନନ୍ୟ ଥିଲା । ଏହାର ବିସ୍ତୃତ ଚର୍ଚ୍ଚା ପୂର୍ବେ ହୋଇସାରିଛି ।

ହ. ମୁସ୍ଲେହ୍ ମଉଦ୍ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ଅବିଶ୍ୱାସାକାରୀମାନେ ଆଁହଜରତସ.ଅଙ୍କ ବେକରେ ଗାମୁଛା ପକାଇ ଖୁବ ଜୋରରେ ଟାଣିବାକୁ ଲାଗିଲେ । ହ. ଅବୁ ବକରର.ଅ ଯେତେବେଳେ ଏକଥା ଜାଣିବାକୁ ପାଇଲେ ସେତେବେଳେ ଶୀଘ୍ର ଦଉଡ଼ି ଆସିଲେ ଏବଂ ଅବିଶ୍ୱାସକାରୀଙ୍କୁ ସେଠାରୁ ହଟାଇ ଦେଇ କହିଲେ, ହେ ଲୋକମାନେ ! କ'ଣ ତୁମମାନଙ୍କୁ ଟିକିଏ ବି ଈଶ୍ୱରଙ୍କ ଭୟ ନାହିଁ ଯେ, ତୁମେ ଜଣେ ନିରୀହ ବ୍ୟକ୍ତିକୁ କେବଳ ଏଇଥିପାଇଁ ମାରୁଛ କି ସେ କହୁଛନ୍ତି ଅଲ୍ଲାଃତାଲା ମୋର ପାଳନକର୍ତ୍ତା ଅଟନ୍ତି । ସେ ତୁମ ଠାରୁ କୌଣସି ଧନସମ୍ପତ୍ତି ତ' ହଡ଼ପ କରିନେଇ ନାହାନ୍ତି । ତେବେ କାହିଁକି ତୁମେମାନେ ଏହି ନିରୀହଙ୍କୁ ମାରୁଛ ?

ସାହାବାମାନେ କହନ୍ତି ଯେ, ଆମେମାନେ ନିଜ ସମୟରେ ସବୁଠୁ ସାହସୀ ହ. ଅବୁ ବକରର.ଅଙ୍କୁ ଜାଣିଥିଲୁ । କାରଣ ଶତ୍ରୁ ଜାଣିଥିଲା ଯେ, ଯଦି ମୁହମ୍ମଦସ.ଅଙ୍କୁ ମାରି ଦିଆଯାଏ ତେବେ ଇସ୍ଲାମ୍ ଧର୍ମ ଶେଷ ହୋଇଯିବ । ଆମେମାନେ ଦେଖିଛୁ ଯେ, ହ. ଅବୁ ବକରର.ଅ ସର୍ବଦା ରସୁଲ୍ କରୀମ୍ସ.ଅଙ୍କ ନିକଟରେ ଛିଡ଼ା ହେଉଥିଲେ । କାରଣ ଯେକେହି ଆପଣ ସ.ଅଙ୍କ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିବେ ତେବେ ସେ ନିଜର ଛାତିକୁ ଆଗକୁ କରିଦେବେ । ସୁତରାଂ ବଦର ଯୁଦ୍ଧ ଅବସରରେ ଯେତେବେଳେ ମକ୍କାର ଅବିଶ୍ୱାସକାରୀମାନଙ୍କ ସହିତ ମୁକାବିଲା ହେଲା ସେତେବେଳେ ସାହାବାମାନେ ପରସ୍ପର ସହିତ ପରାମର୍ଶ କରି ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣସ.ଅ ଆପଣ ଉପରେ ହିଁ ବସନ୍ତୁ ଏବଂ ଆମମାନଙ୍କ ପାଇଁ ପ୍ରାର୍ଥନା କରୁଥାନ୍ତୁ । ଆମେମାନେ ଶତ୍ରୁ ସହିତ ସ୍ୱୟଂ ଲଢ଼ିବୁ । ପୁନଶ୍ଚ ସେମାନେ (ସାହାବାମାନେ) କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଆପଣ ସ.ଅଙ୍କୁ ଏହି ବିଶ୍ୱାସ ଦେଉଛୁ ଯେ, ଆମ ଭିତରେ ମଧ୍ୟ ନିଷ୍ଠା ରହିଛି, କିନ୍ତୁ ସେହି ଲୋକମାନେ ଯେଉଁମାନେ ମଦିନାରେ ବସିଛନ୍ତି ସେମାନେ ଆମ ଅପେକ୍ଷା ଅଧିକ ନିଷ୍ଠାବାନ ଓ ବିଶ୍ୱସ୍ତ ଅଟନ୍ତି । ସେମାନେଙ୍କୁ ଜଣା ନଥିଲା ଯେ, ସେମାନେ ଅବିଶ୍ୱାସକାରୀଙ୍କ ସହିତ ଯୁଦ୍ଧ କରିବେ । ଅନ୍ୟଥା ସେହି ଲୋକମାନେ ମଧ୍ୟ ଯୁଦ୍ଧରେ ଅବଶ୍ୟ ଶାମିଲ୍ ହୋଇଥାଆନ୍ତେ । ବଦର ଯୁଦ୍ଧ ସଂକ୍ରାନ୍ତରେ ସେମାନଙ୍କୁ ନିୟମିତ ରୂପେ ଜଣା ନଥିଲା । ଯଦି ସେମାନଙ୍କୁ ଜ୍ଞାତ ହୋଇଥାଆନ୍ତା ତେବେ ସେପରିପ୍ରେକ୍ଷୀରେ ସେମାନେ ଅବଶ୍ୟ ଉକ୍ତ ଯୁଦ୍ଧରେ ସାମିଲ୍ ହୋଇଥାଆନ୍ତେ ।

"ହେ ରସୁଲୁଲ୍ଲାଃସ.ଅ ! ଭଗବାନ ନକରନ୍ତୁ ଆମେମାନେ ଯଦି ଉକ୍ତ ଯୁଦ୍ଧରେ ପରାଜିତ ହେଲୁ ତେବେ ଆମେମାନେ ଆପଣସ.ଅଙ୍କ ଲାଗି ଏକ ଦ୍ରୁତଗାମୀ ଓଟ ଆପଣସ.ଅଙ୍କ ନିକଟରେ ବାନ୍ଧି ଦେଇଛୁ ଏବଂ ଅବୁ ବକରର.ଅଙ୍କୁ ଆପଣ ସ.ଅଙ୍କ ନିକଟରେ ଛିଡ଼ା କରିଦେଇଛୁ । ହ. ଅବୁ ବକରର.ଅଙ୍କ ଠାରୁ ସାହାସୀ ଓ ବୀର ବ୍ୟକ୍ତି ଆମେମାନେ ନିଜ ଭିତରେ ଦେଖିବାକୁ ପାଉ ନାହୁଁ । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣସ.ଅ ତୁରନ୍ତ ଅବୁ ବକର ର.ଅଙ୍କ ସହିତ ଉକ୍ତ ଓଟ ଉପରେ ବସି ମଦିନା ଅଭିମୁଖେ ପ୍ରସ୍ଥାନ କରନ୍ତୁ ଏବଂ ସେଠାରୁ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ବିରୁଦ୍ଧରେ ନେଇ ଆସନ୍ତୁ, ଯେକି ଆମ ଠାରୁ ମଧ୍ୟ ଅଧିକ ନିଷ୍ଠାବାନ ଓ ବିଶ୍ୱସ୍ତ ହେଇଥିବ ।"

ହ. ମୁସ୍ଲେହ୍ ମଉଦ୍ର.ଅ କୁହନ୍ତି ଯେ, "ଉକ୍ତ ଘଟଣାରୁ ଏହି ଆକଳନ କରି ନିଅନ୍ତୁ ଯେ, ଅବୁ ବକରର.ଅ କେତେ ବଳିଦାନକାରୀ ବ୍ୟକ୍ତି ଥିଲେ ।"

ପୁନଶ୍ଚ ଅନ୍ୟ ଏକ ଅବସରରେ ହ. ମୁସ୍ଲେହ୍ ମଉଦ୍ର.ଅ କୁହନ୍ତି, "ଏକଦା କେତେକ ଲୋକମାନେ ସାହାବାମାନଙ୍କୁ ପ୍ରଶ୍ନ କଲେ ଯେ, ରସୁଲୁଲ୍ଲାଃସ.ଅଙ୍କ କାଳରେ ସର୍ବାଧିକ ସାହାସୀ ଓ ବୀର ବ୍ୟକ୍ତି କିଏ ଥିଲା ? ଯେପରି ଆଜି ଶିୟା ସୁନ୍ନୀମାନଙ୍କର ପ୍ରଶ୍ନ ରହିଛି ଠିକ୍ ସେହିପରି ସେହି କାଳରେ ମଧ୍ୟ ଯାହା ସହିତ ସେମାନଙ୍କର ସଂପର୍କ ରହୁଥିଲା ଲୋକମାନେ ତା'ର ପ୍ରଶଂସା କରୁଥିଲେ । ଯେତେବେଳେ ସାହାବାମାନଙ୍କୁ ଏହି ପ୍ରଶ୍ନ କରାଗଲା ସେତେବେଳେ ସେମାନେ ଉତ୍ତର ଦେଲେ ଯେ, ଆମମାନଙ୍କ ମଧ୍ୟରୁ

ସର୍ବାଧିକ ସାହାସୀ ବ୍ୟକ୍ତି ସେହି ବ୍ୟକ୍ତି ଥିଲା ଯିଏ ରସୁଲ କରୀମ ସ.ଅଙ୍କ ନିକଟରେ ଛିଡ଼ା ହେଉଥିଲା । ଉକ୍ତ ବିନ୍ଦୁକୁ କେବଳ ଜଣେ ପ୍ରକୃତ ଯୋଦ୍ଧା ହିଁ ବୁଝି ପାରିବ, ଅନ୍ୟ କେହି ଏହାକୁ ବୁଝି ପାରିବ ନାହିଁ ।" ଯେଉଁ ବ୍ୟକ୍ତିକୁ ଯୁଦ୍ଧର ସଠିକ୍ ଧାରଣା ଓ ଜ୍ଞାନ ଥିବ ଓ ଯୁଦ୍ଧର ବିପଦ ପ୍ରତି ଅବଧାରଣା ରହିଥିବା ସେହି ବ୍ୟକ୍ତି ହିଁ ଏହାର ସଠିକ୍ ଆକଳନ କରିପାରିବ ଯେ, ଯେଉଁଠି ସବୁଠୁ ଅଧିକ ବିପଦର ସମ୍ଭାବନା ଥାଏ ସେଠାରେ ଛିଡ଼ା ହେବା କେତେ ବିପଦଜନକ । ତେଣୁ ଉକ୍ତ ସାହାସିକତା କିପରି ଅଟେ? ଆପଣର.ଅ କୁହନ୍ତି" ପ୍ରକୃତ କଥା ଏହିକି ଯେ, ଯେଉଁ ବ୍ୟକ୍ତି ଦେଶ ଓ ଜାତିର ପ୍ରାଣକେନ୍ଦ୍ର ଥାଏ ଶତ୍ରୁ ସର୍ବଦା ଏହା ଚାହିଁଥାଏ ଯେ, ପ୍ରାଣକେନ୍ଦ୍ରକୁ ଶେଷ କରିଦେଲେ ସବୁ ସମାପ୍ତ । ତେଣୁ ପ୍ରାଣକେନ୍ଦ୍ରକୁ ସମାପ୍ତ କରିବା ସହିତ ସମସ୍ତ କଳହର ଅବସାନ ଯେପରି ଘଟୁ । ଏଣୁ ଯେଉଁ ଆଡ଼େ ବି ଏହିଭଳି ବ୍ୟକ୍ତି ଛିଡ଼ା ହେବ ଶତ୍ରୁ ତା' ଆଡ଼କୁ ସଂପୂର୍ଣ୍ଣ ଶକ୍ତିର ସହିତ ଆକ୍ରମଣ କରିବ ।" ଯିଏ କେନ୍ଦ୍ରବିନ୍ଦୁ ଥିବ କୌଣସି ପ୍ରସଙ୍ଗର ତେବେ ସେପରିପ୍ରେକ୍ଷୀରେ ଶତ୍ରୁ ପକ୍ଷ ସର୍ବାଧିକ ଭାବରେ ସେହି କେନ୍ଦ୍ରବିନ୍ଦୁକୁ ହିଁ ଟାର୍ଗେଟ କରିଥାଏ ଓ ତା'ରି ଉପରେ ଶତ୍ରୁ ଅଧିକ ଆକ୍ରମଣ କରିଥାଏ । ତେଣୁ ଏହିଭଳି ବିପଦପୂର୍ଣ୍ଣ ସ୍ଥାନରେ ସେହି ବ୍ୟକ୍ତି ହିଁ ଛିଡ଼ା ହୋଇପାରିବ ଯିଏ ଉକ୍ତ ପ୍ରାଣକେନ୍ଦ୍ରର ସୁରକ୍ଷା ନିମନ୍ତେ ତଥା ଉକ୍ତ ବ୍ୟକ୍ତିର ସୁରକ୍ଷା ସକାଶେ ହିଁ ନିୟୋଜିତ ହୋଇପାରିବ ଯିଏ ସବୁଠୁ ବଡ଼ ସାହାସୀ ବ୍ୟକ୍ତି ଥିବ । ସାହାବାମାନେ ପୁନଶ୍ଚ କହିଲେ, ଆଁହଜରତ ସ.ଅଙ୍କ ନିକଟରେ ଅଧିକାଂଶ ସମୟ ହ. ଅବୁ ବକରର.ଅ ହିଁ ଛିଡ଼ା ହୋଇ ରହୁଥିଲେ ଏବଂ ଆମ ନିକଟରେ ସେ ହିଁ ସର୍ବାଧିକ ସାହାସୀ ବ୍ୟକ୍ତି ଥିଲେ ।

**(ତଫସୀର୍ କବିର୍, ଭାଗ10, ପୃ-366)**

ହ. ମୁସ୍‌ଲେହ୍ ମଉଦ୍ର.ଅ ପୁନଶ୍ଚ ସୁରାହ୍ ବନି ଇସ୍ରାଇଲର ଦ୍ୱିତୀୟ ଆୟତ୍‌ର ବ୍ୟାଖ୍ୟା କରି ଏକ ସ୍ଥଳେ କୁହନ୍ତି ଯେ, "ଏକଥା ଧ୍ୟାନ ଯୋଗ୍ୟ ଯେ, **ଅସ୍ରା ବିଅବ୍‌ଦିହି**ରୁ ପ୍ରାକାଶ୍ୟ ଯେ, ଚିତ୍କାରକାରୀ ଅନ୍ୟ ଜଣେ ବ୍ୟକ୍ତି ଥିଲା ଏବଂ ତହିଁରେ ଚାଲିଲାବାଲା ବ୍ୟକ୍ତିର କୌଣସି ନିୟନ୍ତ୍ରଣ ନଥିଲା । ଏହିପରି ଭାବରେ ପ୍ରବାସର ଘଟଣା ଘଟିଲା ଯେ, ଆପ ସ.ଅ ରାତ୍ର ସମୟରେ ହିଁ ବାହାରିଲେ ଏବଂ ଆପଣସ.ଅଙ୍କ ବାହାରିବା ସ୍ୱଇଚ୍ଛାରେ ନଥିଲା । ବରଂ ଆପଣସ.ଅ ସେତେବେଳେ ବାଧ ହୋଇ ବାହାରିଲେ । ଅପର ପକ୍ଷେ ଅବିଶ୍ୱାସକାରୀମାନେ ଆପଣ ସ.ଅଙ୍କୁ ହତ୍ୟା କିରବା ନିମନ୍ତେ ଆପଣସ.ଅଙ୍କ ଘରର ଘେରାଉ କରିନେଇ ଥିଲେ । ସୁତରାଂ ଉକ୍ତ ଯାତ୍ରାରେ ଆପଣସ.ଅଙ୍କ ଇଚ୍ଛାର କୌଣସି ହସ୍ତକ୍ଷେପ ନଥିଲା । ବରଂ ଅଲ୍ଲାଃତାଲାଙ୍କ ଇଚ୍ଛା ହିଁ ଆପଣସ.ଅଙ୍କୁ ବାଧ କରିଥିଲା । ଅର୍ଥାତ ଆପଣସ.ଅଙ୍କୁ ଅଗ୍ରସରକାରୀ, ଓ ବାହାରକୁ କାଢିଲାବାଲା, ଆପଣସ.ଅଙ୍କୁ ପ୍ରବାସ ଅଭିମୁଖେ ନେଇଯିବା ନିମନ୍ତେ କହିଲାବାଲା ଅଲ୍ଲାଃତାଲା ହିଁ ଥିଲେ । ତାହାଙ୍କ ଇଚ୍ଛାନୁଯାୟୀ ଆପଣସ.ଅ ବାଧ ହୋଇ ବାହାରିଥିଲେ । ହ. ମୁସ୍‌ଲେହ୍ ମଉଦ୍ର.ଅ କୁହନ୍ତି ଯେ, "ପୁନଶ୍ଚ ଯେଭଳି ଭାବରେ ସ୍ୱପ୍ନରେ ଜିବ୍ରାଇଲ୍ଅ.ସ ବୈତୁଲ୍ ମୁକଦ୍ଦସର ଯାତ୍ରାରେ ଆପଣସ.ଅଙ୍କ ସହିତ ଥିଲେ । ଠିକ୍ ସେହିଭଳି ପ୍ରବାସ ଯାତ୍ରାରେ ହ. ଅବୁ ବକରର.ଅ ମଧ୍ୟ ଆଁହଜରତସ.ଅଙ୍କ ସହିତ ଥିଲେ । ଅର୍ଥାତ ହ. ଅବୁ ବକରର.ଅ ଯେପରି ଆପଣସ.ଅଙ୍କ ଅନୁକରଣତ୍ୱରେ ପ୍ରବାସ ଯାତ୍ରାରେ ଆପଣସ.ଅଙ୍କ ସହିତ ଥିଲେ ଠିକ୍ ସେହିପରି ହ. ଜିବ୍ରାଇଲ୍ଅ.ସ ମଧ୍ୟ ପ୍ରଭୁଙ୍କ ଅନୁକରଣତ୍ୱରେ ପ୍ରଭୁଙ୍କ ଆଦେଶ ପାଳନପୂର୍ବକ କାର୍ଯ୍ୟ ସମ୍ପାଦନ କରୁଥିଲେ। ଜିବ୍ରାଇଲ୍‌ର ଅର୍ଥ ପ୍ରଭୁଙ୍କର ପହିଲମାନ (ମଲ୍ଲ ବା କୁସ୍ତିବାଜ୍)କୁ ବୁଝାଏ । ହ. ଅବୁ ବକରର.ଅ ମଧ୍ୟ ଅଲ୍ଲାଃତାଲାଙ୍କର ବିଶିଷ୍ଟ ଭକ୍ତ ଥିଲେ ଏବଂ ଧର୍ମ ସକାଶେ ଜଣେ ନିର୍ଭୀକ ପହିଲମାନ ବା କୁସ୍ତିବାଜ୍ ଭଳି ଅସ୍ତିତ୍ୱର ଅଧିକାରୀ ଥିଲେ ।

**(ତଫ୍‌ସିର୍ କବିର୍ ଭାଗ-4, ପୃ-296)**

ପୁନଶ୍ଚ ଏକ ସ୍ଥଳେ ହ. ମୁସ୍‌ଲେହ୍ ମଉଦ୍ର.ଅ କୁହନ୍ତି "ବାସ୍ତବତା ଏହିକି ଯେ, ଅଲ୍ଲାଃତାଲାଙ୍କ ବାଣୀ ଉପରେ ବିଶ୍ୱାସ ଥାଉ ଥାଉ ମନୁଷ୍ୟ ହୃଦୟରେ ନିରାଶା କଦାପି ସୃଷ୍ଟି ହୋଇପାରିବ ନାହିଁ ।" ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଯଦି ଥାଏ ତେବେ ହୃଦୟରେ କେବେ ବି ନିରାଶା ସୃଷ୍ଟି ହୋଇପାରିବ ନାହିଁ ।

ଉଦାହରଣ ସ୍ୱରୂପ ରସୁଲ୍ କରୀମ୍ସ.ଅଙ୍କ ଯେଉଁ ଅବସ୍ଥା ଗାରେ ସୋର୍‌ରେ ହେଲା ଏହାପରେ ଆଶାର ଆଉ କେଉଁ ଅବସ୍ଥା ବାକି ରହିଯିବ । ରସୁଲ୍ କରୀମ୍ସ.ଅ ରାତ୍ରର ଅନ୍ଧକାରରେ ନିଜ ଘରକୁ ଛାଡ଼ି ଗାରେ ସୋରରେ ଯାଇ ଆତ୍ମ ଗୋପନ କରିଥିଲେ । ତାହା ପୁଣି ଏଭଳିଆ ଗାର୍ (ଗୁମ୍ଫା) ରେ ଯାହାର ମୁହଁ ବହୁତ ବଡ଼ ଖୋଲା ରହିଥିଲା ଏବଂ ପ୍ରତ୍ୟେକ ବ୍ୟକ୍ତି ଅତି ସହଜରେ ଗୁମ୍ଫା ମଧ୍ୟରେ ଉଣ୍ଡି ପାରି ଥାଆନ୍ତା ଓ ଲମ୍ଫ ମାରିପାରି ଥାଆନ୍ତା। ଆପଣସ.ଅଙ୍କ ସହିତ କେବଳ ଜଣେ ସାଥି ରହିଥିଲା । ପୁନଶ୍ଚ ଉଭୟେ ନିରସ୍ତ୍ର ଓ ନିର୍ବଳ ଥିଲେ । ମକ୍କାର ଶଶସ୍ତ୍ର ଲୋକମାନେ ଆପଣସ.ଅଙ୍କ ପିଛା କରି ଗାରେ ସୋର୍ ଠାରେ ପହଞ୍ଚିଲେ ଏବଂ ସେମାନଙ୍କ ମଧ୍ୟରେ କେତେକ ବ୍ୟକ୍ତି ଏହି ଜିଦ୍ କଲେ ଯେ, ଆମମାନଙ୍କୁ ଗୁମ୍ଫା ମଧ୍ୟରେ ଥରେ ଉଣ୍ଡି ଦେଖିନେବା ଉଚିତ । କାରଣ ଯଦି ସେମାନେ (ଆଁହଜରତସ.ଅ ଓ ହ. ଅବୁ ବକରର.ଅ) ଭିତରେ ଥାଆନ୍ତି ତେବେ ଆମେମାନେ ସେମାନଙ୍କୁ ଧରି ପାରିବୁ। ଶତ୍ରୁମାନଙ୍କୁ ଏତେ ନିକଟବର୍ତ୍ତୀ ଦେଖି ହ. ଅବୁ ବକରର.ଅ କାନ୍ଦି ପକାଇଲେ ଏବଂ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଶତ୍ରୁ ତ' ପୁରା ମୁଣ୍ଡ ଉପରେ ପହଞ୍ଚି ଯାଇଛି । ଆପଣସ.ଅ ସେତେବେଳେ ଅତ୍ୟନ୍ତ ଉତ୍ସାହିତ ଭାବାବେଗ ହୋଇ କହିଲେ, **ଲା ତହଜନ୍ ଇନ୍ନଲ୍ଲାଃହା ମାଆନା।** ଅର୍ଥାତ ହେ ଅବୁ ବକର ! କାହିଁକି ଭୟ କରୁଛ ? ପ୍ରଭୁ ପରା ଆମ ସହିତ ଅଛନ୍ତି । ଦେଖ ! ଅଧୈର୍ଯ୍ୟ ଦୃଷ୍ଟିରୁ ସେତେବେଳେ କେଡ଼େ ସନ୍ଧିକ୍ଷଣ ମୁହୂର୍ତ୍ତ ସମ୍ମୁଖକୁ ଆସିଲା ଏବଂ ଉକ୍ତ ଘଟଣା ପରେ ରସୁଲ୍ କରୀମ୍ସ.ଅଙ୍କୁ ହତ୍ୟା ଅବା ଆପଣସ.ଅଙ୍କୁ ଗିରଫ କରିବାରେ ଆଉ କୌଣସି ଉଦ୍ୟମ ବାକି ରହିଯାଇଥିଲା । କିନ୍ତୁ ଏସବୁ ସତ୍ତ୍ୱେ ଶତ୍ରୁ ଶକ୍ତିଶାଳୀ ଥିଲା, ସିପାହୀମାନେ ଶତ୍ରୁ ସହିତ ଥିଲେ, ଶତ୍ରୁ ନିକଟରେ ଅସ୍ତ୍ର ରହିଥିଲା ଓ ରସୁଲ୍ କରୀମ୍ସ.ଅ ସଂପୂର୍ଣ୍ଣ ରୂପେ ନିରସ୍ତ୍ର ଓ ଶୂନ୍ୟହସ୍ତ ଥିଲେ । ଆପଣସ.ଅଙ୍କ ସହିତ କେବଳ ଆପଣସ.ଅଙ୍କର ଜଣେ ବନ୍ଧୁ ହ. ଅବୁ ବକରର.ଅ ହିଁ ଗୁମ୍ଫା ମଧ୍ୟରେ ବସିଥିଲେ। ଆପଣସ.ଅଙ୍କ ପାଖରେ ନା କୌଣସି ଅସ୍ତ୍ର ଥିଲା ଓ ନା ହିଁ ଆପଣସ.ଅଙ୍କ ସହିତ କୌଣସି ସୈନ୍ୟବାହିନୀ ତଥା ସରକାର ଥିଲା ଯିଏ ଆପଣସ.ଅଙ୍କୁ ସମର୍ଥନ ଜଣାଉଥିଲା । ଆପଣସ.ଅ ବିଶାଳ ସଂଖ୍ୟକ ଶତ୍ରୁଙ୍କୁ ନିଜ ସମ୍ମୁଖରେ ଦେଖି ବିଚଳିତ ହେବା ପରିବର୍ତ୍ତେ ଏହା କହିଲେ, **ଲା ତହଜନ୍ ଇନ୍ନଲ୍ଲାଃହା ମାଆନା** । ଅର୍ଥାତ ହେ ଅବୁ ବକର ! ତୁମେ କାହିଁକି କହୁଛ ଶତ୍ରୁ ପକ୍ଷ ଶକ୍ତିଶାଳୀ ଅଟେ । କ'ଣ ଶତ୍ରୁ **ନାଇଉଜୁବିଲ୍ଲାଃ** ଭଗବାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ? ଯଦି ପ୍ରଭୁ ଆମ ସହିତ ଅଛନ୍ତି ତେବେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ହ. ଅବୁ ବକରର.ଅଙ୍କ ଏହି ଅଧୀରତା ନିଜ ପାଇଁ ନଥିଲା ବରଂ ରସୁଲ୍ କରୀମ୍ ସ.ଅଙ୍କ ସକାଶେ ହିଁ ଥିଲା ।

ହ. ମୁସ୍‌ଲେହ୍ ମଉଦ୍ର.ଅ କୁହନ୍ତି, କେତେକ ଶିୟା ସଂପ୍ରଦାୟର ଲୋକେ ଉକ୍ତ ଘଟଣାକୁ ଉପସ୍ଥାପିତ କରି କୁହନ୍ତି, **ନାଉଜୁବିଲ୍ଲାଃ** ହ. ଅବୁ ବକରର.ଅ ଅବିଶ୍ୱାସୀ ବ୍ୟକ୍ତି ଥିଲେ । ସେ ନିଜର ଜୀବନ ଦେବାକୁ ଭୟ କରୁଥିଲେ । କିନ୍ତୁ ଇତିହାସ ପୁସ୍ତକମାନଙ୍କରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ଯେତେବେଳେ ରସୁଲ୍ କରୀମ୍ସ.ଅ କହିଲେ, **ଲା ତହଜନ୍ ଇନ୍ନଲ୍ଲାଃହା ମାଆନା** ତେବେ ହ. ଅବୁ ବକରର.ଅ କହିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ମୁଁ ମୋ ନିଜ ଜୀବନ ପାଇଁ ପାଇଁ ଭୟ କରୁ ନାହିଁ । ଯଦି ମୁଁ ମୃତ୍ୟୁବରଣ କରେ ତେବେ କେବଳ ଜଣେ ବ୍ୟକ୍ତି ହିଁ ମୃତ୍ୟୁ ବରଣ କରିବ । କିନ୍ତୁ ମୁଁ ଆପଣ ସ.ଅଙ୍କ ଜୀବନ ପ୍ରତି ଅଧିକ ଚିନ୍ତିତ । କାରଣ ଆପଣସ.ଅଙ୍କୁ ଯଦି କିଛି ହୋଇଯାଏ କିମ୍ବା ଆପଣସ.ଅଙ୍କର କୌଣସି କ୍ଷତି ବା ହାନୀ ପହଞ୍ଚିଲା ତେବେ ସଂସାରରୁ ସତ୍ୟତା ନିଶ୍ଚିହ୍ନ ହୋଇଯିବ ।

**(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-28. ପୃ416-417)**

ପୁନଶ୍ଚ ଏକ ସ୍ଥଳରେ ହ. ମୁସ୍‌ଲେହ୍ ମଉଦ୍ର.ଅ କୁହନ୍ତି ଯେ, ଏକଥା

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idrish Khan, Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang (Odisha)

ନବୀମାନଙ୍କ ସହିତ ସଂପର୍କିତ ଓ ବିଶିଷ୍ଟ ନୁହେଁ ବରଂ ସେମାନଙ୍କ ଠାରୁ ଭିନ୍ନ ହୋଇ ମଧ୍ୟ ନିଜ ନିଜ ଯୁଗରେ ଏଭଳି ଲୋକମାନେ ମିଳନ୍ତି ଯେ, ସେମାନେ ଯେଉଁ କାର୍ଯ୍ୟ ସେତେବେଳେ ସମ୍ପାଦନ କଲେ ତାହା ଅନ୍ୟ ବ୍ୟକ୍ତି କରିପାରିବ ନାହିଁ ।

ଉଦାହରଣ ସ୍ୱରୂପ ହ. ଅବୁ ବକର[ର.ଅ]ଙ୍କୁ ହିଁ ନେଇ ନିଅ । ହ. ଅବୁ ବକର[ର.ଅ]ଙ୍କ ସଂକ୍ରାନ୍ତରେ କୌଣସି ବ୍ୟକ୍ତି ଏହା କହିପାରୁ ନଥିଲା ଯେ, ଆପଣ ମଧ୍ୟ କୌଣସି ସମୟରେ ନିଜ ଜାତିର ନେତୃତ୍ୱ ନେବେ । ସାଧାରଣ ଭାବରେ ଏହା ହିଁ ମନେ କରାଯାଉଥିଲା ଯେ, ଆପଣ[ର.ଅ] ଦୁର୍ବଳ ସ୍ୱଭାବ, ଶାନ୍ତି ସଦ୍‌ଭାବନା ସ୍ଥାପନକାରୀ ଓ କୋମଳ ହୃଦୟ ବ୍ୟକ୍ତି ଅଟନ୍ତି । ରସୁଲ୍ କରୀମ୍[ସ.ଅ] ଙ୍କ ଯୁଗର ଯୁଦ୍ଧକୁ ଦେଖିନିଅ । ଆପଣ[ସ.ଅ] ଅତ୍ୟନ୍ତ ବିଶାଳ ଯୁଦ୍ଧରେ ମଧ୍ୟ ହ. ଅବୁ ବକର[ର.ଅ]ଙ୍କୁ ସୈନ୍ୟବାହିନୀର ସେନାପତି କଲେ ନାହିଁ । ନିଃସନ୍ଦେହ କେତେକ ଛୋଟ ଛୋଟ ଯୁଦ୍ଧ ଏପରି ରହିଛି ଯହିଁରେ ଆପଣ ସ.ଅଙ୍କୁ ସେନାପତି କରି ପ୍ରେରଣ କରାଗାଲ । କିନ୍ତୁ ବଡ଼ ବଡ଼ ଯୁଦ୍ଧରେ ସର୍ବଦା ଅନ୍ୟ ଲୋକମାନଙ୍କୁ ହିଁ କମାଣ୍ଡର (ସେନାପତି) କରି ପ୍ରେରଣ କରାଯାଉଥିଲା । ସେହିପରି ଅନ୍ୟ କାର୍ଯ୍ୟରେ ମଧ୍ୟ ଆପଣ ସ.ଅଙ୍କୁ ଇନ୍‌ଚାର୍ଜ (ମୁଖ୍ୟଦାୟିତ୍ୱ) କରାଯାଉ ନଥିଲା । ଅନ୍ୟ ଯେଉଁ ପ୍ରସଙ୍ଗ ରହିଛି ଅର୍ଥାତ ପବିତ୍ର କୁରଆନ୍‌ର ଶିକ୍ଷା କିମ୍ବା ବିଚାର ତଥା ନ୍ୟାୟ ଆଦିର କାର୍ଯ୍ୟ ତାହା ମଧ୍ୟ ଆପଣ[ର.ଅ] ଉପରେ ନ୍ୟସ୍ତ କରାଗଲା ନାହିଁ । କିନ୍ତୁ ରସୁଲ୍ କରୀମ୍[ସ.ଅ] ଜାଣିଥିଲେ ଯେ, ଯେତେବେଳେ ହ. ଅବୁ ବକର[ର.ଅ]ଙ୍କ ସମୟ ଆସିବ ସେତେବେଳେ ଅବୁ ବକର ଯେଉଁ କାର୍ଯ୍ୟ କରିବେ ତାହା ଅନ୍ୟ କୌଣସି ବ୍ୟକ୍ତି କରିପାରିବ ନାହିଁ । ସୁତରାଂ ଯେତେବେଳେ ରସୁଲୁଲ୍ଲାଃ[ସ.ଅ] ଙ୍କର ବିୟୋଗ ହେଲା ଓ ମୁସଲମାନମାନଙ୍କ ମଧ୍ୟରେ ମତପାର୍ଥ୍ୟ ଘଟିଲା ଯେ, କିଏ ଖଲିଫା ହେବ? ସେତେବେଳେ ହ. ଅବୁ ବକର ର.ଅଙ୍କ ମସ୍ତିଷ୍କରେ ମଧ୍ୟ ଏକଥା ନଥିଲା ଯେ, ଆପଣ[ର.ଅ] ଖଲିଫା ହେବେ ।

ଆପ [ର.ଅ] ଭାବୁଥିଲେ ଯେ, ହ. ଉମର୍[ର.ଅ] ଆଦି ସାହାବାମାନେ ଖଲିଫା ହେବା ନିମନ୍ତେ ଯୋଗ୍ୟ ବ୍ୟକ୍ତି ହୋଇ ପାରନ୍ତି । ଅନସାରମାନଙ୍କ ମଧ୍ୟରେ ଯେଉଁ ଉତ୍ସାହ ସୃଷ୍ଟି ହେଲା ଏବଂ ସେମାନେ ଚାହିଁଲେ ଯେ, ଖଲିଫା ସେମାନଙ୍କ ମଧ୍ୟରୁ ହିଁ ହୁଅନ୍ତୁ । କାରଣ ସେମାନେ (ଅନ୍‌ସାରମାନେ) ଏହା ଭାବୁଥିଲେ ଯେ, ଆମେମାନେ ଇସ୍‌ଲାମ୍ ଧର୍ମ ସକାଶେ ବଳିଦାନ ଦେଇଛେ ଏବଂ ବର୍ତ୍ତମାନ ଖିଲାଫତ୍‌ର ଅଧିକାରୀ ଅନ୍‌ସାରମାନେ ହିଁ ହେବେ । ଏପଟରେ ଅନ୍‌ସାରମାନଙ୍କର ଏହି ଧାରଣା ରହିଥିଲା । ଅନ୍ୟ ପଟରେ ପ୍ରବାସକାରୀମାନେ କହୁଥିଲେ ଯେ, ଖଲିଫା ଆମମାନଙ୍କ ମଧ୍ୟରୁ ହିଁ ହେବ ଏବଂ ପ୍ରବାସକାରୀମାନେ କହୁଥିଲେ ଖଲିଫା ଅନ୍‌ସାରମାନଙ୍କ ମଧ୍ୟରୁ ହିଁ ହେଉ । ଉକ୍ତ କଳହକୁ ଦୂର କରିବା ପାଇଁ ଏକ ସଭାର ଡାକରା ଦିଆଗଲା । ହ. ଉମର୍[ର.ଅ] କୁହନ୍ତି ଯେ, ମୁଁ ସେତେବେଳେ ଏହା ଭାବିଲି ଯେ, ହ. ଅବୁ ବକର ନିଃସନ୍ଦେହ ପୁଣ୍ୟବାନ ବ୍ୟକ୍ତି ଅଟନ୍ତି । କିନ୍ତୁ ଉକ୍ତ ସମସ୍ୟାର ସମାଧାନ କରିବା ତାଙ୍କର କାର୍ଯ୍ୟ ନୁହେଁ । ଏହା ତାଙ୍କ ପାଇଁ (ହ. ଅବୁ ବକର ର.ଅଙ୍କ ପାଇଁ)ଅତ୍ୟନ୍ତ ଜଟିଳ ଓ କଷ୍ଟକର କାର୍ଯ୍ୟ ଅଟେ। ତେଣୁ ମୁଁ ହିଁ ଏହି ସମସ୍ୟାର ସମାଧାନ କରିପାରିବି । ଏଠାରେ ଶକ୍ତିର କାର୍ଯ୍ୟ ଲୋଡ଼ା ରହିଛି, କୋମଳତା ଓ ପ୍ରେମର କାର୍ଯ୍ୟ ନୁହେଁ । (ହ. ଅବୁ ବକର[ର.ଅ] ତ' କୋମଳତା ଏବଂ ପ୍ରେମ ପ୍ରଦର୍ଶନକାରୀ ବ୍ୟକ୍ତି ଥିଲେ) । ସୁତରାଂ ଆପଣ[ର.ଅ] କୁହନ୍ତି, ମୁଁ ଭାବି ଭାବି ଏଭଳି ପ୍ରମାଣ ବାହାର କରିବା ଆରମ୍ଭ କିରଛି ଯହିଁରୁ ଏହା ପ୍ରମାଣିତ ହୁଏ ଯେ, କୁରୈଶ୍‌ମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଖଲିଫା ହେବା ଉଚିତ, ଅନ୍‌ସାରମାନଙ୍କ ମଧ୍ୟରୁ ଜଣେ ଖଲିଫା ହେବା ଉଚିତ ଏବଂ ସେହିପରି ପ୍ରବାସକାରୀଙ୍କ ମଧ୍ୟରୁ ବି ଜଣେ ବ୍ୟକ୍ତିକୁ ଖଲିଫା ହେବା ଉଚିତ । ଏହା ସଂପୂର୍ଣ୍ଣ ରୂପେ ଭୁଲ ଅଟେ । ଆପଣ[ର.ଅ] କୁହନ୍ତି ଯେ, ମୁଁ ଅନେକ ପ୍ରମାଣ ଦେବାକୁ ଭାବିଲି ଏବଂ ସଭା ସମିତିକୁ ମଧ୍ୟ ଗଲି ଯେଉଁଠି ଉକ୍ତ କଳହର ସମାଧାନ କରିବା ନିମନ୍ତେ ସଭାର ଆୟୋଜନ କରାଯାଇଥିଲା । ହ. ଅବୁ ବକର[ର.ଅ] ମୋ ସହିତ ଥିଲେ । ମୁଁ ଚାହିଁଲି ଯେ, ପ୍ରମାଣ ମାଧ୍ୟମରେ ଭାଷଣଟିଏ ଦେବି ଏବଂ ମୁଁ ଭାବି ଯାଇଥଲି ଯେ, ଲୋକମାନଙ୍କୁ କାଇଲ୍ କରିଦେବି । ମୁଁ ଭାବୁଥିଲି ଯେ, ହ. ଅବୁ ବକର[ର.ଅ] ସେହି ଖ୍ୟାତି ତଥା ପ୍ରଭୁତ୍ୱତାର ଅଧିକାରୀ ନୁହନ୍ତି ଯେ, ସେ ଯାଇ ସଭାରେ କିଛି କହିପାରିବେ। କିନ୍ତୁ ମୁଁ ଛିଡ଼ା ହେବାକୁ ଯାଉଥିଲି କି (ହ. ଉମର୍[ର.ଅ] କୁହନ୍ତି ଯେ, ମୁଁ ଛିଡ଼ା ହେବାକୁ ଯାଉଥିଲି କି) ହ. ଅବୁ ବକର[ର.ଅ] କ୍ରୋଧିତ ହୋଇ ମୋତେ ହାତରେ ସ୍ପର୍ଶ କରି କହିଲେ, ବସିଯାଅ ଏବଂ ସ୍ୱୟଂ ଛିଡ଼ା ହୋଇ ଭାଷଣ ଦେବାକୁ ଆରମ୍ଭ କରିଦେଲେ । ହ. ଉମର୍[ର.ଅ] କୁହନ୍ତି ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହଛି ! ମୁଁ ଯେତେ ପ୍ରମାଣ ଉପସ୍ଥାପିତ କରିବା ନିମନ୍ତେ ଚିନ୍ତା କରିଥିଲି ସେହି ସମସ୍ତ ପ୍ରମାଣ ହ. ଅବୁ ବକର[ର.ଅ] ବର୍ଣ୍ଣନା କରିଦେଲେ ଏବଂ ପୁନଶ୍ଚ ଅତିରିକ୍ତ ପ୍ରମାଣ ମଧ୍ୟ ବର୍ଣ୍ଣନା କରି ଚାଲିଲେ । ଏପର୍ଯ୍ୟନ୍ତ କି ଅନ୍‌ସାରମାନଙ୍କ ହୃଦୟ ସନ୍ତୁଷ୍ଟ ହୋଇଗଲା ଏବଂ ସେମାନେ ପ୍ରବାସକାରୀଙ୍କ ଖଲିଫା ହେବାର ନୀତିକୁ ସ୍ୱୀକାର କରିନେଲେ ।

ଏ ଥିଲେ ସେହି ଅବୁ ବକର ର.ଅ ଯାହାଙ୍କ ସଂକ୍ରାନ୍ତରେ ହ. ଉମର[ର.ଅ] ବର୍ଣ୍ଣନା କରନ୍ତି ଯେ, ସେ ଏକଦା କୌଣସି ଝଗଡ଼ା ସମୟରେ ବଜାରରେ ହ. ଅବୁ ବକର ର.ଅଙ୍କ କପଡ଼ା ଚିରି ଦେଇଥିଲେ ଏବଂ ଆପଣ ର.ଅଙ୍କୁ ମାରିବାକୁ ପ୍ରସ୍ତୁତ ହୋଇ ଯାଇଥିଲେ । ଏ ଥିଲେ ସେହି ଅବୁ ବକର ଯାହାଙ୍କ ସଂକ୍ରାନ୍ତରେ ରସୁଲ୍ କରୀମ୍[ସ.ଅ] କହୁଥିଲେ ଯେ, ହ. ଅବୁ ବକର[ର.ଅ]ଙ୍କ ହୃଦୟ ଅତ୍ୟନ୍ତ ପତଳା ଅଟେ । କିନ୍ତୁ ଯେତେବେଳେ ଆଁହଜରତ ସ.ଅଙ୍କ ବିୟୋଗର ସମୟ ପାଖେଇ ଆସିଲା ସେତେବେଳେ ମୃତ୍ୟୁ ପୂର୍ବରୁ ଆପଣ[ସ.ଅ] ହ. ଆଏଶା[ର.ଅ]ଙ୍କୁ କହିଲେ, ମୋ ମନରେ ବାରମ୍ବାର ଏହି ଅଭିଳାଷା ଜାଗ୍ରତ ହେଉଛି ଯେ, ମୁଁ ଲୋକମାନଙ୍କୁ କହିଦେବି ଯେ, ସେମାନେ ମୋ ପରେ ହ. ଅବୁ ବକର[ର.ଅ]ଙ୍କୁ ଖଲିଫା କରିଦେବେ । କିନ୍ତୁ ମୁଁ ଏପରି କରିବାରୁ ଅଟକିଯାଏ । କାରଣ ମୋର ହୃଦୟ ଜାଣେ ଯେ, ମୋର ମୃତ୍ୟୁ ପରେ ଅଲ୍ଲାଃତାଲା ଏବଂ ତାହାଙ୍କ ବିଶ୍ୱାସକାରୀ ଭକ୍ତମାନେ ହ. ଅବୁ ବକର[ର.ଅ]ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିକୁ ଖଲିଫା ରୂପେ ବାଛିବେ ନାହିଁ । ସୁତରାଂ ଏହିପରି ହିଁ ହୋଇଥିଲା, ଆପଣ[ର.ଅ]ଙ୍କୁ ହିଁ ଖଲିଫା ରୂପେ ମନୋନୀତ କରାଗଲା । ଆପଣ[ର.ଅ] ଅତ୍ୟନ୍ତ କୋମଳ ହୃଦୟ ଏବଂ କୋମଳ ସ୍ୱଭାବର ଅଧିକାରୀ ଥିଲେ । ଏକଦା ଆପଣ[ର.ଅ]ଙ୍କୁ ମାରିବା ନିମନ୍ତେ ବଜରାକୁ ହ. ଉମର୍ ର.ଅ ଆଗକୁ ଅଗ୍ରସର ହେଲେ ଏବଂ ସେ ହ. ଉମର୍[ର.ଅ] ଙ୍କ ନିକଟକୁ ଆସିଲେ ଏବଂ ସେ ନିବେଦନ କରିବାରୁ ସମଗ୍ର ଆରବବାସୀ ବିରୋଧୀ ହୋଇଗଲା । ମକ୍କା ମଦିନାରେ କେବଳ ଏକ ଛୋଟିଆ ବସ୍ତିରେ ବାଜମାଅତ୍ ନମାଜ ପାଠ କରାଯାଉଥିଲା । ଅନ୍ୟ ଲୋକମାନେ ନମାଜ ତ' ପାଠ କରୁଥିଲେ କିନ୍ତୁ ସେମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇ ସାରିଥିଲା। ଅର୍ଥାତ ଲୋକମାନେ ପରସ୍ପର ପଛରେ ନମାଜ ପାଠ ନିମନ୍ତେ ପ୍ରସ୍ତୁତ ନଥିଲେ ଓ ବିଭେଦତା ଏତେ ବୃଦ୍ଧି ପାଇଥିଲା ଯେ, ସେମାନେ କାହାରି କଥା ଶୁଣିବାକୁ ପ୍ରସ୍ତୁତ ନଥିଲେ । ଆରବର ମୂର୍ଖ ବ୍ୟକ୍ତିମାନେ ଯେଉଁମାନେ ପାଞ୍ଚ, ଛଅ ମାସ ହେଲା ମୁସଲମାନ ଧର୍ମ ଗ୍ରହଣ କରିଥିଲେ, ସେମାନେ ଏହି ଦାବି କରୁଛନ୍ତି ଯେ, ଜକାତ୍ ଛାଡ଼ କରି ଦିଆଗଲେ କ'ଣଟା କ୍ଷତି ହୋଇଯିବ ? ଅର୍ଥାତ ସେହି ଉମର୍[ର.ଅ] ଯିଏ ସବୁବେଳେ ନିଜ ହସ୍ତରେ ଖଡ଼୍‌ଗ ଧରି ଛିଡ଼ା ହୋଇ ରହୁଥିଲେ ଏବଂ କଥା କଥାକେ କହୁଥିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ଆଦେଶ ଦିଅନ୍ତୁ ମୁଁ ଉକ୍ତ ବ୍ୟକ୍ତିର ସ୍କନ୍ଧଚ୍ୟୁତ କରିଦେବି । ହ. ଉମର୍[ର.ଅ] ବିଦ୍ରୋହୀମାନଙ୍କୁ ଦେଖି ଏତେ ଭୟଭୀତ ହୋଇଯାଉଥିଲେ, ଏତେ ଧୈର୍ଯ୍ୟହରା ହୋଇପଡୁଥିଲେ ଯେ, ହ. ଅବୁ ବକର[ର.ଅ]ଙ୍କ ନିକଟକୁ ଆସି ତାଙ୍କୁ ନିବେଦନ କରୁଥିଲେ ଯେ, ହେ ଅବୁ ବକର ! ସେହି ମୂର୍ଖ ବ୍ୟକ୍ତିମାନଙ୍କ ପାଇଁ କିଛି କାଳ ପାଇଁ ଜକାତ୍ କ୍ଷମା କରିଦିଆଯାଉ । ଆମେମାନେ ସେମାନଙ୍କୁ ଧୀରେ ଧୀରେ ବୁଝାଇ ଦେବୁନି । କିନ୍ତୁ ସେହି ଅବୁ ବକର ଯେକି କୋମଳ ହୃଦୟ ବ୍ୟକ୍ତି ଥିଲେ ସେ ହ. ଉମର୍[ର.ଅ]ଙ୍କୁ କୁହନ୍ତି, ମୁଁ ହ. ଅବୁ ବକର[ର.ଅ]ଙ୍କୁ ଥରେ ଗବଜାରରେ

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,
Jamat Ahmadiya Kerang (Odisha)

ମାରିବା ପାଇଁ ପ୍ରସ୍ତୁତ ହୋଇ ଯାଇଥିଲି ଏବଂ ବଜାରରେ ତାଙ୍କର ବସ୍ତ୍ରକୁ ଚିରି ଦେଇଥିଲି । ହ. ଅବୁ ବକର[ର.ଅ] ସେତେବେଳେ ହ. ଉମର୍[ର.ଅ]ଙ୍କ ଆଡ଼କୁ କ୍ରୋଧ ଚକ୍ଷୁରେ ଦେଖିଲେ । ଅର୍ଥାତ ହ. ଉମର୍[ର.ଅ] ଏକଥା ହ. ଅବୁ ବକର[ର.ଅ]ଙ୍କୁ କହିଲେ ଯେ, ହେ ଅବୁ ବକର[ର.ଅ] ! ଆପଣ[ର.ଅ] ଲୋକମାନଙ୍କୁ କିଛି କୁହନ୍ତୁ ନାହିଁ । ଯେଉଁମାନେ ବିଦ୍ରୋହୀ ହୋଇଯାଉଛନ୍ତି ସେମାନଙ୍କ ଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଜକାତ୍ ନିଅନ୍ତୁ ନାହିଁ । ଆମେ ସେମାନଙ୍କ କଥା ବୁଝିନେବୁ । ସୁତରାଂ ହ. ଉମର୍[ର.ଅ] ହ. ଅବୁ ବକର[ର.ଅ]ଙ୍କୁ ଏକଥା କହିଲେ ସେତେବେଳେ ହ. ଅବୁ ବକର ଅତ୍ୟନ୍ତ କ୍ରୋଧ ଚକ୍ଷୁରେ ହ. ଉମର୍[ର.ଅ]ଙ୍କ ଆଡ଼କୁ ଚାହିଁଲେ ଏବଂ କହିଲେ, ହେ ଉମର୍ ! ତୁମେ ସେହି କଥାର ଦାବି କରୁଛ ଯାହା ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ କରି ନାହାନ୍ତି । ହ. ଉମର୍[ର.ଅ] କହିଲେ ଏକଥା ଠିକ୍ ଯେ ହେଲେ ଏହି ବିଦ୍ରୋହୀ ଲୋକମାନେ **ହଦିସୁଲ୍ ଅହଦ୍** ଅଟନ୍ତି । ଶତ୍ରୁର ସୈନ୍ୟବାହିନୀ ମଦିନାର କାନ୍ଥ ପର୍ଯ୍ୟନ୍ତ ପହଞ୍ଚି ଯାଇଛି । କ'ଣ ଏକଥା ଠିକ୍ ହେବ ଯେ, ଏହି ଶତ୍ରୁମାନେ ଆଗକୁ ଅଗ୍ରସର ହୋଇ ଚାଲନ୍ତୁ ଏବଂ ଦେଶରେ ପୁନଶ୍ଚ ଅରାଜକତା ଭଳି ଜଟିଳ ପରିସ୍ଥିତି ସୃଷ୍ଟି ହୋଇଯାଉ କିମ୍ବା ସେମାନଙ୍କୁ ଏକ ବର୍ଷ ଓ ଦୁଇ ବର୍ଷ ପର୍ଯ୍ୟନ୍ତ ଜକାତ୍ ଛାଡ଼ କରିଦିଆଯାଉ। ହ. ଅବୁ ବକର[ର.ଅ] କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଶତ୍ରୁପକ୍ଷ ଯଦି ମଦିନା ଭିତରକୁ ଧସେଇ ପଶିଲା ଓ ମଦିନାର ଗଳିମାନଙ୍କରେ ମୁସଲମାନଙ୍କର ସ୍କନ୍ଧଚ୍ୟୁତ କରିଦେଇ ଓ ମହିଳାମାନଙ୍କର ଶବକୁ ଘୋଷାରି ଘୋଷାରି ନିଅନ୍ତି ତେବେ ବି ମୁଁ ସେମାନଙ୍କର ଜକାତ୍ ଛାଡ଼ କିରିବି ନାହିଁ। ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଯଦି ରସୁଲୁଲ୍ଲାଃ[ସ.ଅ]ଙ୍କ କାଳରେ ଏହି ଲୋକମାନେ ଦଉଡ଼ିର ଏକ ଟୁକୁଡ଼ାଟିଏ ମଧ୍ୟ ଜକାତ୍ ଦେଉଥିଲେ ତେବେ ମୁଁ ସେମାନଙ୍କ ଠାରୁ ଦଉଡ଼ିର ସେହି ଟୁକୁଡ଼ାଟିଏ ଜକାତ୍ ଅବଶ୍ୟ ଆଦାୟ କରିବି ।

ପୁନଶ୍ଚ ଆପଣ[ର.ଅ] କହିଲେ: ହେ ଉମର୍ ତୁମେ ଯଦି ଲୋକମାନଙ୍କୁ ଭୟ କରୁଛ ତେବେ ଠିକ୍ ଅଛି ତୁମେ ଚାଲିଯାଅ । ମୁଁ ଏକୁଟିଆ ହିଁ ସେହି ଲୋକମାନଙ୍କ ସହିତ ଲଢିବି ଏବଂ ସେହି ସମୟ ପର୍ଯ୍ୟନ୍ତ ଅଟକିଯିବି ନାହିଁ ଯେପର୍ଯ୍ୟନ୍ତ ସେମାନେ ନିଜର ଦୁଷ୍ଟାମୀରୁ ନିବୃତ୍ତ ତଥା କ୍ଷାନ୍ତ ହୋଇଯାଇ ନାହାନ୍ତି । ସୁତରାଂ ଯୁଦ୍ଧ ହେଲା ଏବଂ ଆପଣ[ର.ଅ] ବିଜୟୀ ହେଲେ । ଅର୍ଥାତ ହ. ଅବୁ ବକର ର.ଅ ବିଜୟୀ ହେଲେ ଏବଂ ନିଜର ମୃତ୍ୟୁ ପୂର୍ବରୁ ଆପଣ ର.ଅ ପୁନଃ ସମଗ୍ର ଆରବ ଦେଶକୁ ନିଜ ଅକ୍ତିଆରକୁ ନେଇ ଆସିଲେ । ହ. ଅବୁ ବକର ର.ଅ ନିଜ ଜୀବନରେ ଯେଉଁ କାର୍ଯ୍ୟ କରିଲେ ତାହା କେବଳ ତାଙ୍କରି ଅଂଶ ଥିଲା । ଅନ୍ୟ କୌଣସି ବ୍ୟକ୍ତି ଉକ୍ତ କାର୍ଯ୍ୟକୁ ସମ୍ପାଦନ କରିପାରିବ ନାହିଁ । **(ଖୁତ୍‌ବାତେ ମେହ୍‌ମୁଦରୁ ଆନୀତ, ଭାଗ-30, ପୃ-198-200)**

ହ. ମୁସ୍‌ଲେହ୍ ମଉଦ୍[ର.ଅ] କୁହନ୍ତି ଯେ, ମକ୍କାର ଧନାଢ୍ୟ ବ୍ୟକ୍ତିଙ୍କୁ ଲୋକମାନଙ୍କ ମଧ୍ୟରୁ ଏହି ପ୍ରକାରର ସମ୍ମାନ ତଥା ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା ଯେ, ଲୋକମାନେ ସେହି ଧନାଢ୍ୟ ବ୍ୟକ୍ତିମାନଙ୍କ ଆଗରେ କଥା କହିବାକୁ ଭୟ କରୁଥିଲେ । ସେହିପରି ସେହି ଧନାଢ୍ୟମାନଙ୍କର ଉପକାର ମଧ୍ୟ ଲୋକମାନଙ୍କ ଉପରେ ଏତେ ଅଧିକ ଥିଲା ଯେ, କୌଣସି ବ୍ୟକ୍ତି ସେମାନଙ୍କ ସମ୍ମୁଖରେ ନିଜର ଦୃଷ୍ଟି ଉପରକୁ କରି ପାରିବାକୁ ସାହସ କରିପାରୁ ନଥିଲା । ମକ୍କାର ଧନାଢ୍ୟମୂଳକ ମର୍ଯ୍ୟାଦା ଉକ୍ତ କଥାରୁ ହିଁ ଆକଳନ କରାଯାଇପାରିବ ଯେ, ସୁଲାହ୍ ହୁଦୈବିୟା ଅବସରରେ ଯେଉଁ ଅଧିପତିକୁ ମକ୍କାବାସୀମାନେ ରସୁଲୁଲ୍ଲାଃ[ସ.ଅ]ଙ୍କ ଆଡ଼କୁ ବାର୍ତ୍ତାଳାପ କରିବା ନିମନ୍ତେ ପ୍ରେରଣ କଲେ ସେ କଥା କଥାକେ ରସୁଲ୍ କରୀମ୍[ସ.ଅ]ଙ୍କ ପବିତ୍ର କେଶରେ ହାତ ମାରିଦେଲା । ଏହା ଦେଖି ଜଣେ ସାହାବି ଖୁବ ଜୋରରେ ଖଡ଼୍‌ଗର ମୁଠା ସେହି ବ୍ୟକ୍ତିର ହସ୍ତ ଉପରେ ପ୍ରହାର କଲେ ଏବଂ କହିଲେ, ନିଜର ଅପବିତ୍ର ହସ୍ତକୁ ଆଁହଜରତ ସ.ଅଙ୍କ ପବିତ୍ର କେଶରେ ସ୍ପର୍ଶ କର ନାହିଁ । ସେ ଚକ୍ଷୁ ଉପରକୁ କରି ଦେଖିଲା ଏବଂ ଜାଣିବାକୁ ଚାହିଁଲା ଯେ, ଏହି ବ୍ୟକ୍ତି ଜଣକ କିଏ ଯିଏ ମୋ ହସ୍ତ ଉପରେ ଖଡ଼୍‌ଗ ମୁଠା ଦ୍ୱାରା ପ୍ରହାର କଲା। ସାହାବା[ର.ଅ] ଯଦିଓ ସାଞ୍ଜୁ ଓ ଢାଲ ଭଳି ଯୁଦ୍ଧ ବସ୍ତ୍ର ପରିଧାନ କରିଥିଲେ ସେଇଥିପାଇଁ ସେମାନଙ୍କର ଚକ୍ଷୁ ଓ ଚକ୍ଷୁର କୁଣ୍ଡଳୀ ହିଁ ଦୃଶ୍ୟମାନ ହେଉଥିଲା। ସେହି ଧନାଢ୍ୟ କିଛି କ୍ଷଣ ପର୍ଯ୍ୟନ୍ତ ଧ୍ୟାନପୂର୍ବକ ଚାହିଁ ରହିଲା । ପୁନଶ୍ଚ କହିବାକୁ ଲାଗିଲା, କ'ଣ ତୁମେ ଅମକ ବ୍ୟକ୍ତି ଅଟ ? ସେମାନେ କହିଲେ ହଁ । ସେ କହିଲା କ'ଣ ତୁମେ ଜାଣି ନାହଁ ଯେ ମୁଁ ଅମକ ଅମକ ଅବସରରେ ତୁମ ବଂଶକୁ ଅମକ ବିପତ୍ତିରୁ ଉଦ୍ଧାର କରିଥିଲି ଏବଂ ଅମକ ଅବସରରେ ଅମକ ଉପରେ ଉପକାର କରିଥିଲି । ତୁମେ ମୋ ଆଗରେ କହିବାକୁ ସାହାସ କରୁଛ କିପରି ? ହ. ମୁସ୍‌ଲେହ୍ ମଉଦ୍[ର.ଅ] ସେହି ଧନାଢ୍ୟ ବ୍ୟକ୍ତିର ଉପକାରର ଚର୍ଚ୍ଚା କରି କୁହନ୍ତି ଯେ, ଆଜିକାଲି ଆମେମାନେ ଦେଖୁଛେ ଯେ, ଲୋକମାନଙ୍କର ଯଦି କିଛି ଉପକାର କର ତେବେ ସେମାନେ କୃତଜ୍ଞତା ପରିବର୍ତ୍ତେ କୃତଘ୍ନତା ପ୍ରକାଶ କରୁଛନ୍ତି । ଅର୍ଥାତ କୃତଘ୍ନତା ଏତେ ସାଧାରଣ କଥା ହୋଇଯାଇଛି । କୌଣସି ବ୍ୟକ୍ତି ଉପରେ ଯଦି ସନ୍ଧ୍ୟା ସମୟରେ ଉପକାର କର ତେବେ ପ୍ରାତଃ ସମୟରେ ଉକ୍ତ ବ୍ୟକ୍ତି ଜଣକ ଉପକାରକୁ ପାସୋରି ଦେଇଥାଏ ଏବଂ କୁହେ ଯେ, କ'ଣ ମୁଁ ବର୍ତ୍ତମାନ ମୁଁ ସାରା ଜୀବନ ଉକ୍ତ ବ୍ୟକ୍ତିର ଦାସ ହୋଇ ରହିବି ? ମୋ ଉପରେ ଯଦି ଉପକାର କରିଦେଲା କ'ଣ ହୋଇଗଲା ସେଉଠୁ । ଉକ୍ତ ବ୍ୟକ୍ତି ଜଣକ ସମଗ୍ର ଜୀବନର ଦାସକୁ ଛାଡ଼ ଗୋଟିଏ ରାତି ପାଇଁ ମଧ୍ୟ ମୁଁ ଉକ୍ତ ବ୍ୟକ୍ତିକୁ ସହ୍ୟ କରିପାରିବି ନାହିଁ। କିନ୍ତୁ ଆରବବାସୀଙ୍କ ମଧ୍ୟରେ କୃତଜ୍ଞତାର ମନୋଭାବ ସର୍ବାଧିକ ରୂପେ ଦେଖିବାକୁ ମିଳୁଥିଲା । ବର୍ତ୍ତମାନ ଏହା ଅତ୍ୟନ୍ତ ସନ୍ଧିକ୍ଷଣ ଅବସର ଥିଲା । କିନ୍ତୁ ଯେତେବେଳେ ଉକ୍ତ ଧନାଢ୍ୟ ବ୍ୟକ୍ତି ଜଣକ ନିଜର ଉପକାର ଗଣିବାକୁ ଲାଗିଲା ସେତେବେଳେ ଉକ୍ତ ସାହାବିଙ୍କ ଦୃଷ୍ଟି ଭୂମି ତଳେ ପୋତି ହୋଇଗଲା ଏବଂ ଉକ୍ତ ସାହାବି ଜଣକ ଅନୁତପ୍ତ ହୋଇ ପଛକୁ ଘୁଞ୍ଚିଗଲା। ଅତଏବ ଆରବରେ ଉପକାରର ଏତେ ମର୍ଯ୍ୟାଦା ହେଉଥିଲା । ସେ ଯାହା ହେଉ ନା କାହିଁକି ଉକ୍ତ ଧନାଢ୍ୟ ବ୍ୟକ୍ତି ଜଣକ ଆଁହଜରତ ସ.ଅଙ୍କ ସହିତ ପୁନର୍ବାର କଥାବାର୍ତ୍ତା କରିବାକୁ ଆରମ୍ଭ କରିଦେଲା ଏବଂ କହିଲା ମୁଁ ଅରବ୍ୟମାନଙ୍କର ପିତା ଅଟେ । ମୁଁ ତୁମ ନିକଟରେ ଗୁହାରି ଓ ମିନତି କରୁଛି ଯେ, ତୁମେ ନିଜ ଜାତିର ସମ୍ମାନ ଓ ଟେକ ରଖିନିଅ । ଦେଖ ! ତୁମ ଆଖପାଖରେ ଯେଉଁ ଲୋକମାନେ ଏକତ୍ରିତ ହୋଇଛନ୍ତି ଏମାନେ ବିପତ୍ତି ଆସିଲେ ତୁମର ସଙ୍ଗତ୍ୱ ଛାଡ଼ି ତୁରନ୍ତ ପଳାୟନ କିରବେ ଏବଂ ଶେଷରେ ତୁମର ଜାତି ଭାଇମାନେ ହିଁ ତୁମର କାମରେ ଆସିବେ । ସୁତରାଂ ତୁମେ ନିଜ ଜାତିକୁ କାହିଁକି ତିରସ୍କୃତ କରୁଛ? ମୁଁ ଆରବ୍ୟମାନଙ୍କର ପିତା ଅଟେ। ସେହି ବ୍ୟକ୍ତି ଜଣକ ଆଁହଜରତ ସ.ଅଙ୍କୁ ବାରମ୍ବାର ଏହି ହିଁ କହୁଥିଲା ଯେ, ମୁଁ ଆରବ୍ୟମାନଙ୍କର ପିତା ଅଟେ । ତୁମେ ମୋ କଥା ମାନି ନିଅ । ମୁଁ ଯେପରି କହୁଛି ସେହିପରି ତୁମେ ଉମ୍ରା ନକରି ଏଠାରୁ ଫେରିଯାଅ । ଠିକ୍ ଏହି ସମୟରେ ସେ ନିଜର କଥା ଉପରେ ଜୋର ଦେଲା ଏବଂ ରସୁଲୁଲ୍ଲାଃ[ସ.ଅ]ଙ୍କ ଠାରୁ ନିଜ କଥା ସ୍ୱୀକାର କରାଇବା ସକାଶେ ଆପଣ[ସ.ଅ]ଙ୍କ ପବିତ୍ର କେଶକୁ ପୁନଃ ହାତରେ ସ୍ପର୍ଶ କରିଦେଲା ଏବଂ ତା'ର ଏହିଭଳି ଆଚରଣ ନମ୍ରତା ସଦୃଶ ଥିଲା । ସେ ଅତ୍ୟନ୍ତ ଆକୁଳ ନିବେଦନ ଆକାରରେ କହିବାକୁ ଚାହୁଁଥିଲା ଏବଂ ତାହା ଏଇଥିପାଇଁ ଥିଲା ଯେ, ଆପଣ[ସ.ଅ]ଙ୍କୁ ନିଜର କଥା ସ୍ୱୀକାର କରାଉ । କିନ୍ତୁ ତହିଁରେ ତିରସ୍କାରର ମଧ୍ୟ ଏକ ପକ୍ଷ ନିହିତ ରହିଛି । ତାହା ଏଇଥି ପାଇଁ ଯେ, ସାହାବାମାନେ ଏହାକୁ ଦେଖି ବର୍ଦାସ୍ତ କରିପାରିଲେ ନାହିଁ ଏବଂ ସେହି ଧାନଢ୍ୟ ବ୍ୟକ୍ତି ଯେମିତି ରସୁଲ୍ କରୀମ୍ ସ.ଅଙ୍କ ଦାଢିକୁ ହାତରେ ସ୍ପର୍ଶ କଲା । ସାହାବାମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଉକ୍ତ ଧନାଢ୍ୟ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajjad Khan, S/O- Sultan Ahmad & Family,
Jamat Ahmadiya Kerang (Odisha)

## ନବଜନ୍ମିତ ସନ୍ତାନର ଘୋଷଣା:-

"ଅଲ୍ଲାଃତାଲା ନିଜର ବିଶେଷ କୃପାରୁ ବିନୀତକୁ ତା11-06-2023 ରିଖ ଦିନ ଏକ ପୁତ୍ର ସନ୍ତାନ ଯାହାର ନାମ ହେଲା ଅବଦ୍ଧୁଲ୍ ଅତା ଖାନ୍ ପ୍ରଦାନ କରିଛନ୍ତି । **ଅଲ୍‌ହମ୍‌ଦୁଲିଲ୍ଲାଃ** । ନବଜନ୍ମିତ ପୁତ୍ର ସନ୍ତାନ କେରଙ୍ଗର ନିବାସୀ ସମ୍ମାନନୀୟ ସ୍ୱର୍ଗତ ଅବଦ୍ଧୁର୍ ରଜାକ୍ ଖାନ୍ ସାହେବଙ୍କ ପୌତ୍ର ଓ କେରଙ୍ଗର ନିବାସୀ ସମ୍ମାନନୀୟ ଅବ୍‌ଦ୍ଧୁଲ୍ ଚଶମ୍ ଖାନ୍ ସାହେବଙ୍କ ନାତି ଅଟନ୍ତି।

ନବ ଜନ୍ମିତ ପୁତ୍ର ସନ୍ତାନଙ୍କ ପୁଣ୍ୟବାନ ତଥା ଧର୍ମ ସେବକ ହେବା, କ୍ରିୟାଶୀଳ, ଭାଗ୍ୟବାନ ହେବା ନିମନ୍ତେ ବଦରର ସମସ୍ତ ପାଠକମଣ୍ଡଳୀଙ୍କୁ ଦୁଆ କରିବା ନିମନ୍ତେ ବିନମ୍ର ଆହ୍ୱାନ ଜଣାଉଛୁ "।

ତାଲିବେ ଦୁଆ: Abdul Chand Khan, S/O- Late Abdur Rzaq Khan,
Jamat Ahmadiya Kerang (Odisha)

ବ୍ୟକ୍ତିର ହସ୍ତକୁ ଜୋରରେ ଝିଙ୍କିଦେଲେ ଏବଂ କହିଲେ, ନିଜର ଅପବିତ୍ର ହସ୍ତ ରସୁଲୁଲ୍ଲାଃ ସ.ଅଙ୍କ ପବିତ୍ର କେଶ ଆଡ଼କୁ ପ୍ରସାରିତ କର ନାହିଁ । ସେ ପୁନଃ ନିଜର ଚକ୍ଷୁ ଉପରକୁ କଲା ଏବଂ ଧ୍ୟାନପୂର୍ବକ ଚାହିଁ ରହିଲା ଯେ, କିଏ ସେହି ବ୍ୟକ୍ତି ଯିଏ ମୋତେ ଅଟକାଇଲା ଏବଂ ପରିଶେଷରେ ଉକ୍ତ ଧନାଢ୍ୟ ବ୍ୟକ୍ତି ସାହାବିଙ୍କୁ ଚିହ୍ନି ନିଜର ଚକ୍ଷୁକୁ ତଳକୁ କରିନେଲା ।

ଉକ୍ତ ବ୍ୟକ୍ତି ଜଣକ ଯେକି ଅବିଶ୍ୱାସାକୀରଙ୍କର ପ୍ରତିନିଧି ହୋଇ ଆଁହଜରତ ସ.ଅଙ୍କ ନିକଟକୁ ଆସିଥିଲା । ସେ ଯେତେବେଳେ ସେହି ବ୍ୟକ୍ତିଙ୍କୁ ଚିହ୍ନିଲା ସେତେବେଳେ ନିଜର ଚକ୍ଷୁକୁ ତଳକୁ କିରନେଲା । ଧନାଢ୍ୟ ବ୍ୟକ୍ତି ଯେତେବେଳେ ହ. ଅବୁ ବକର[ର.ଅ]ଙ୍କୁ ଦେଖିଲା ସେତେବେଳେ କହିଲା ଆରେ ଏ ତ' ଅବୁ ବକର ଅଟନ୍ତି । ତେଣୁ ସେ କହିବାକୁ ଲାଗିଲା ହେ ଅବୁ ବକର ! ମୁଁ ଜାଣେ ତୁମ ଉପରେ ମୋର କୌଣସି ଉପକାର ନାହିଁ । ତୁମେ ଏହିଭଳି ବ୍ୟକ୍ତି ଅଟ ଯାହାଙ୍କ ଉପରେ ମୁଁ କୌଣସି ଉପକାର କରି ନାହିଁ ।

ସୁତରାଂ ସେହି ଧନ୍ୟାଢ୍ୟ ବ୍ୟକ୍ତି ଜଣକ ଅନ୍ୟ ସାହାବାମାନଙ୍କ ଉପରେ ନିଜେ କରିଥିବା ଉପକାରକୁ ସ୍ମରଣ କରାଉଥିଲା ଓ ହ. ଅବୁ ବକର[ର.ଅ]ଙ୍କୁ ବାଦଦେଲେ ସେହି ଧନାଢ୍ୟ ଗୋଷ୍ଠୀ ଅନ୍ୟମାନଙ୍କ ଉପରେ ଉପକାର କରିଥିଲା । ଅର୍ଥାତ ସେଠାରେ ଉପସ୍ଥିତ ଥିବା ଅନସାର ଓ ପ୍ରବାସକାରୀଙ୍କ ଉପରେ ଉକ୍ ଧାନଢ୍ୟ ବ୍ୟକ୍ତିର କିନଛି ନା କିଛି ଉପକାର ରହିଥିଲା । କିନ୍ତୁ ଉକ୍ତ ଧନାଢ୍ୟ ବ୍ୟକ୍ତିର ହ. ଅବୁ ବକର[ର.ଅ]ଙ୍କ ଉପରେ କୌଣସି ଉପକାର ନଥିଲା । ତେଣୁ ହ. ଅବୁ ବକର[ର.ଅ]ଙ୍କ ବ୍ୟତୀତ ଅନ୍ୟ କୌଣସି ସାହାବାମାନେ ଏହି ଦୁଃସାହାସ କରିପାରିଲେ ନାହିଁ ଯେ, ସେମାନେ ଉକ୍ତ ଧନାଢ୍ୟ ବ୍ୟକ୍ତିର ହସ୍ତକୁ ହଟାଇ ପାରିବେ । **(ଖୁତ୍‌ବାତେ ମେହ୍‌ମୁଦରୁ ଆନୀତ, ଭାଗ-20, ପୃ-484-485)**

ପୁନଶ୍ଚ ଏକ ସ୍ଥଳରେ ହ. ମୁସ୍‌ଲେହ୍ ମଉଦ୍[ର.ଅ] କୁହନ୍ତି, " ଜକାତ୍ ଏଭଳି ଏକ ଆବଶ୍ୟକୀୟ ବସ୍ତୁ ଯେ, ଯେଉଁ ବ୍ୟକ୍ତି ଜକାତ୍ ପୈଠ କରେ ନାହିଁ ତେବେ ସେହି ବ୍ୟକ୍ତି ଇସ୍‌ଲାମ ଧର୍ମରୁ ବାହାରି ଯାଇଥାଏ । ରସୁଲୁଲ୍ଲାଃ[ସ.ଅ]ଙ୍କ ବିୟୋଗ ପରେ ହ. ଅବୁ ବକର[ର.ଅ]ଙ୍କ କାଳରେ ଯେତେବେଳେ କିଛି ଲୋକମାନେ ଜକାତ୍ ଦେବାକୁ ଅସ୍ୱୀକାର କରିଦେଲେ ଏବଂ କହିଲେ, **ଖୁଜ୍ ମିନ୍ ଅମୱାଲିହିମ୍ ସଦକତନ୍ ତୁତହିରହୁମ୍ ୱତୁଜକ୍କିହିମ୍ ବିହା ୱସଲ୍ଲି ଅଲୈହିମ୍** (ଅତତୌବା: 103) ତହିଁରେ ତ' ଆଁହଜରତ ସ.ଅଙ୍କୁ ଆଦେଶ ରହିଛି ହେ ମୁହମ୍ମଦ୍ ! ସ.ଅ ତୁମ୍ଭେ ବିଶ୍ୱାସକାରୀମାନଙ୍କ ଠାରୁ ଜକାତ ନିଅ । ବର୍ତ୍ତମାନ ଯେତେବେଳେ ଆପଣ ଆଉ ଏହି ସଂସାରରେ ନାହାନ୍ତି ତେବେ ଆଉ କିଏ ଜକାତ୍ ନେଇ ପାରିବ ? ନିର୍ବୋଧ ବ୍ୟକ୍ତିମାନେ ଏହା ବୁଝିଲେ ନାହିଁ ଯେ, ମୁହମ୍ମଦ[ସ.ଅ]ଙ୍କ ସ୍ଥାନାପନ୍ନ ବ୍ୟକ୍ତି ଯିଏ ହେବ ସେ ହିଁ ଜକାତ୍ ନେବ ବା ଆଦାୟ କରିବ । କିନ୍ତୁ ବିଦ୍ରୋହୀମାନେ କହିଦେଲେ ଯେ, ଆମେମାନେ ଜକାତ୍ ଦେବୁ ନାହିଁ । ଏପଟରେ ଲୋକମାନେ ଜକାତ୍ ଦେବାକୁ ଅସ୍ୱୀକାର କରିଦେଲେ ଅନ୍ୟ ପଟରେ ମହା ଉପଦ୍ରବ ସୃଷ୍ଟି ହୋଇଗଲା । ଫଳତଃ ସମଗ୍ର ଆରବବାସୀମାନେ ଧର୍ମଦ୍ରୋହୀ ପାଲଟିଗଲେ ଏବଂ ଅନେକ ମିଥ୍ୟାବାଦୀ ଅବତାରମାନେ ମୁଣ୍ଡ ଟେକିଲେ । ଏପିର ପ୍ରତିତ ହେଉଥିଲା ଯେ, **ନାଉଜୁବିଲ୍ଲାଃ** ଇସ୍‌ଲାମ୍ ଧର୍ମ ଧ୍ୱଂସ ହେବାକୁ ବସିଲାଣି । ଏଭଳି ସନ୍ଧିକ୍ଷଣ ମୁହୂର୍ତ୍ତରେ ସାହାବାମାନେ ହ. ଅବୁ ବକର[ର.ଅ]ଙ୍କୁ କହିଲେ, ହେ ଅବୁ ବକର[ର.ଅ] ଆପଣ ବର୍ତ୍ତମାନ ସେହି ଧର୍ମଦ୍ରୋହୀ ବା ବିଧର୍ମୀମାନଙ୍କ ପ୍ରତି କୋହୋଳ ନୀତି ଅବଲମ୍ବନ କରାଯାଉ । ହ. ଉମର୍[ର.ଅ] ଯାହାଙ୍କୁ ବଡ଼ ସାହାସୀ ବ୍ୟକ୍ତି ବୋଲି କୁହାଯାଉଥିଲା ସେ କୁହନ୍ତି, ମୁଁ ଯେତେ ବଡ଼ ବୀର ଓ ସାହାସୀ ହେଉ ନା କାହିଁକି କିନ୍ତୁ ଅବୁ ବକର[ର.ଅ]ଙ୍କ ପରି ବଡ଼ ସାହାସୀ ଓ ବୀର ହୋଇପାରିବି ନାହିଁ । କାରଣ ମୁଁ ମଧ୍ୟ ସେତିକିବେଳେ ଏହି ହିଁ କହିଲି ଯେ, ସେମାନଙ୍କ ପ୍ରତି କୋହୋଳତା ପ୍ରଦର୍ଶନ କରାଯାଉ । ଆଗେ ଅବିଶ୍ୱାସକାରୀମାନଙ୍କୁ ପରାସ୍ତ କରି ନିଅନ୍ତୁ ପରେ ସେମାନଙ୍କର ସଂଶୋଧନ କରିନେବେ । କିନ୍ତୁ ହ. ଅବୁ ବକର[ର.ଅ] କହିଲେ, ଇବ୍‌ନେ କାହାଫାର କ'ଣ ଅସ୍ତିତ୍ୱ ଯେ, ରସୁଲ୍ କରୀମ୍[ସ.ଅ]ଙ୍କ ଦ୍ୱାରା ପ୍ରଦତ୍ତ ଆଦେଶାବଳୀକୁ ପରିବର୍ତ୍ତନ କରିଦେବ ! ମୁଁ ସେହି ଧର୍ମଦ୍ରୋହୀଙ୍କ ସହିତ ସେପର୍ଯ୍ୟନ୍ତ ଲଢ଼ିବି ଯେପର୍ଯ୍ୟନ୍ତ ସେମାନେ ସଂପୂର୍ଣ୍ଣ ରୂପେ ଜକାତ୍ ପୈଠ କରି ନଦେଇଛନ୍ତି ଏବଂ ରସୁଲୁଲ୍ଲାଃ[ସ.ଅ] ସମୟରେ ସେମାନେ ଓଟକୁ ବାନ୍ଧୁ ଥିବା ଯେଉଁ ଦଉଡ଼ିକୁ ଜକାତ୍‌ରେ ଦେଉଥିଲେ ସେହି ଦଉଡ଼ିକୁ ମୁଁ ଯେପର୍ଯ୍ୟନ୍ତ ଜକାତରେ ଆଦାୟ କରି ନେନେଇଛି ସେପର୍ଯ୍ୟନ୍ତ ମୁଁ ଶାନ୍ତିରେ ନିଃଶ୍ୱାସ ନେଇପାରିବି ନାହିଁ କି ଶାନ୍ତିରେ ବସି ପାରିବି ନାହିଁ । ସାହାବାମାନଙ୍କୁ ସେତେବେଳେ ଜ୍ଞାତ ହେଲା ଯେ, ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରଚଳିତ ହୋଇଥିବା ଖଲିଫା କିଭଳି ଦୁଃସାହାସିକତା ଏବଂ ଦାୟିତ୍ୱକତାର ଅଧିକାରୀ ଅଟନ୍ତି । ପରିଶେଷରେ ହ. ଅବୁ ବକର[ର.ଅ] ସେମାନଙ୍କୁ ପରାଜିତ କଲେ ଏବଂ ସେମାନଙ୍କ ଠାରୁ ଜକାତ୍ ଆଦାୟ କରି ଦମ୍ ନେଇଥିଲେ ।

**(ଇସ୍‌ଲେହ୍ ନଫ୍‌ସ୍ ଅନ୍‌ୱାରୁଲ୍ ଉଲୁମ୍ ଭାଗ-5 ପୃ-452)**

ହ. ଅବୁ ବକର[ର.ଅ]ଙ୍କ ଆର୍ଥିକ ବଳିଦାନ ସଂକ୍ରାନ୍ତରେ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଜଣେ ଲେଖକ ଉଲ୍ଲେଖ କରନ୍ତି ଯେ, ସତ୍ୟବାଦୀ ହ. ଅବୁ ବକର[ର.ଅ] ଯେତେବେଳେ ବିଶ୍ୱାସ ଆଣିଲେ ସେତେବେଳେ ତାଙ୍କ ନିକଟରେ ମାତ୍ର ଚାଳିଶ ହଜାର ଦିର୍‌ହମ୍‌ର ବିପୁଳ ଅର୍ଥରାଶି ମହଜୁଦ୍ ରହିଥିଲା । ଏକଥା ପ୍ରକାଶ୍ୟ ଯେ, ବ୍ୟବସାୟିକ ଅର୍ଥ, ଧନ ସମ୍ପତ୍ତି ଓ ଅନ୍ୟାନ୍ୟ ଆସବାବ ପତ୍ର ବ୍ୟତୀତ ଏହି ବିପୁଳ ପରିମାଣର ଅର୍ଥରାଶି ଆପଣ[ର.ଅ]ଙ୍କ ପାଖରେ ରହିଥିଲା । ବରଂ ଏକ ବର୍ଣ୍ଣନାନୁଯାୟୀ ହ. ଅବୁ ବକର ର.ଅଙ୍କ ନିକଟରେ ଏକ ମିଲିୟନ୍ ଅର୍ଥାତ ଦଶ ଲକ୍ଷ ଦିର୍‌ହମ୍ ଅର୍ଥ ଥିଲା । ମକ୍କାରେ ସାଧାରଣ ମୁସଲମାନମାନଙ୍କୁ ସାହାଯ୍ୟ ଓ ଅଭାବି ମୁସଲମାନମାନଙ୍କର ଲାଳନ ପାଳନରେ ଆପଣ ର.ଅ ହଜାର ହଜାର ଦିର୍‌ହମ୍ ଅର୍ଥ ଖର୍ଚ୍ଚ କରି ଦେଉଥିଲେ । କିନ୍ତୁ ଯେତେବେଳେ ସେ ପ୍ରବାସ କଲେ ସେତେବେଳେ ପାଞ୍ଚ ଛଅ ହଜାର ଦିର୍‌ହମ୍ ତାଙ୍କ ନିକଟରେ ରହିଥିଲା । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଏହି ସମସ୍ତ ଅର୍ଥରାଶି ରସୁଲ୍ କରୀମ୍ ସ.ଅଙ୍କ ଆବଶ୍ୟକତା ନିମନ୍ତେ ସଞ୍ଚୟ କରି ରଖାଯାଇଥିଲା ଏବଂ ପ୍ରବାସ ସମୟରେ ଆପଣ ର.ଅ ଉକ୍ତ ଅର୍ଥରାଶି ନିଜ ସାଙ୍ଗରେ ମଦିନାକୁ ନେଇ ଆସିଥିଲେ । ସେହି ଅର୍ଥରାଶିରୁ ଆପଣ ର.ଅ ପ୍ରବାସ ସମୟରେ ଯାତ୍ରା ଖର୍ଚ୍ଚ ବ୍ୟତୀତ ପ୍ରବାସ ପରେ ରସୁଲୁଲ୍ଲାଃ ସ.ଅଙ୍କ ପରିବାରବର୍ଗଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ଯାତ୍ରା ଖର୍ଚ୍ଚ ନିଜେ ପୈଠ କରିଥିଲେ ଏବଂ ମଦିନାରେ ମୁସଲମାନମାନଙ୍କ ସକାଶେ କିଛି ଜମି ମଧ୍ୟ କ୍ରୟ କରିଥିଲେ । **(ମକାଲାତ୍ ସିରତ୍ ଅଜ୍ ଡାକ୍ଟର ମୁହମ୍ମଦ୍ ହୁମାୟୁଁ ଅବ୍‌ବାସ୍ ଶମ୍‌ଶ, ଭାଗ-2, ପୃ- 433-434, ମକ୍‌ତବା ଇସ୍‌ଲାମିୟା ଲାହୋର-2015)(ଅତ୍‌ତବ୍‌କାତୁଲ୍ କୁବ୍ରା, ଭାଗ-3, ପୃ-128 " ଅବୁ ବକର ସିଦ୍ଦିକ୍" ୱମିନ୍ ବନି ତୈମି ବିନ୍ ମୁର୍‌ରାହ୍ ବିନ୍ କାଆବ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-2012)**

ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ[ସ.ଅ] ନିଜର ଶେଷ ରୋଗାବସ୍ଥାରେ ଯହିଁରେ ଆପଣ[ସ.ଅ]ଙ୍କର ଅକାଳ ବିୟୋଗ ଘଟିଥିଲା ଆପଣ[ସ.ଅ] ବାହାରକୁ ଆସିଲେ ଏବଂ ଆପଣ[ସ.ଅ] ନିଜର ମୁଣ୍ଡକୁ ଏକ ବସ୍ତ୍ର ସାହାଯ୍ୟରେ ବାନ୍ଧିଥିଲେ । ଆପଣ[ସ.ଅ] ମଞ୍ଚ ଉପରକୁ ଆସିଲେ ଏବଂ ଅଲ୍ଲାଃତାଲାଙ୍କ ପ୍ରଶଂସା ଗାନ କଲେ ଓ କହିଲେ, ହେ ଲକୋମାନେ! ଲୋକମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଏପରି ନୁହନ୍ତି ଯିଏ ହ. ଅବୁ ବକର ବିନ୍ ଅବୁ କାହାଫାଙ୍କ ପରି ନିଜର ଧନ ଜୀବନ ମାଧ୍ୟରେ ମୋ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରିଥିବ । **(ସହୀହୁଲ୍ ବୁଖାରୀ, କିତବୁସ୍ ସଲାତ୍, ବାବୁଲ୍ ଖୌଫତା ୱଲ୍ ମୁମର୍ରା ଫିଲ୍ ମସ୍‌ଜିଦି, ବର୍ଣ୍ଣନା ସଂଖ୍ୟା-467)**

ହ. ଅବୁ ହୁରୈରାହ୍[ର.ଅ] ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ[ସ.ଅ] କହିଲେ, ମୋତେ କୌଣସି ଅର୍ଥ (ଧନ) କେବେ ବି ସେହି ଲାଭ ପ୍ରଦାନ କରି ନାହିଁ ଯାହା ମୋତେ ହ. ଅବୁ ବକର[ର.ଅ]ଙ୍କ ଅର୍ଥ ପହଞ୍ଚାଇଛି । ବର୍ଣ୍ଣନାକାରୀ କୁହନ୍ତି, ହ. ଅବୁ ବକର[ର.ଅ] ଏକଥା ଶୁଣି କାନ୍ଦି ପକାଇଲେ ଏବଂ କହିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ମୋର ଧନ ଓ ମୁଁ କେବଳ ଆପଣ[ସ.ଅ]ଙ୍କ ସକାଶେ ହିଁ ଉଦ୍ଦିଷ୍ଟ । **(ସୁନନ୍ ଇବ୍‌ନେ ମାଜ୍ଜା, ପ୍ରସ୍ତାବନା, ବାବ୍ ଫି ଫଜାଇଲି ଅସ୍‌ହାବି ରସୁଲୁଲ୍ଲାଃ ସ.ଅ, ହଦିସ୍ ନଂ-94)**

ହ. ମୁସ୍‌ଲେହ୍ ମଉଦ୍[ର.ଅ] ବର୍ଣ୍ଣନା କରନ୍ତି ଯେ, "ଏକଦା ଜିହାଦ୍ ଅବସର ସଂକ୍ରାନ୍ତରେ ହ. ଉମର୍[ର.ଅ] ବର୍ଣ୍ଣନା କରନ୍ତି ଯେ, ମୁଁ ଚିନ୍ତା କଲି ଯେ, ହ. ଅବୁ ବକର[ର.ଅ] ସର୍ବଦା ମୋ ଠାରୁ ଆଗେଇ ଯାଉଥିଲେ । ଆଜି ମୁଁ ତାଙ୍କ ଠାରୁ ବଢିଯିବି । ଏହି ମାନସିକତା ନେଇ ମୁଁ ଘରକୁ ଗଲି ଏବଂ ନିଜର ଅର୍ଦ୍ଧାଧିକ ଧନ ସମ୍ପତ୍ତି ଆଣି ଆଁହଜରତ[ସ.ଅ]ଙ୍କ ସେବାରେ ଉପସ୍ଥାପିତ କରିବା ନିମନ୍ତେ ଆଣିଲି । ସେହି ଯୁଗଟି ଇସ୍‌ଲାମ୍ ଧର୍ମ ପାଇଁ ଅତ୍ୟନ୍ତ ବିପତ୍ତିର ଦିନ ଥିଲା । କିନ୍ତୁ ହ. ଅବୁ ବକର ର.ଅ ନିଜର ସମସ୍ତ ଧନ, ଆସବବା ପତ୍ର ତଥା ଚାଦର ଓ ଖଟ ପଲଙ୍କ ମଧ୍ୟ ଉଠାଇ ଆଣି ଆଁହଜରତ[ସ.ଅ]ଙ୍କ ପାଦ ତଳେ ଅଜାଡ଼ି ଦେଲେ" ସେ ଯାହା ହେଉ ନା କାହିଁକି ହ. ଅବୁ ବକର[ର.ଅ] ରସୁଲ୍ କରୀମ[ସ.ଅ] ଙ୍କ ସମ୍ମୁଖରେ ଆମି ସବୁକିଛି ଉପସ୍ଥାପିତ କରିଦେଲେ। ରସୁଲୁଲ୍ଲାଃ[ସ.ଅ] ପଚାରିଲେ ଅବୁ ବକର ! ଘରେ କ'ଣ ଛାଡ଼ିଦେଇ ଆସିଛ ? ହ. ଅବୁ ବକର[ର.ଅ] କହିଲେ, ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କୁ ଘରେ ଛାଡ଼ି ଦେଇ ଆସିଛି । ହ. ଉମର୍ ର.ଅ କୁହନ୍ତି, ଏକଥା ଶୁଣି ମୁଁ ଅତ୍ୟନ୍ତ ଲଜ୍ଜିତ ହେଲି ଏବଂ ମୁଁ ଭାବିଲି ଯେ, ଆଜି ମୁଁ ସମସ୍ତ ବଳ ଖଟାଇ ହ. ଅବୁ

ବକରରା.ଅଙ୍କ ଠାରୁ ବଢି ଯିବାକୁ ଚାହିଁଥିଲି । କିନ୍ତୁ ଆଜି ଅବୁ ବକରରା.ଅ ମୋ ଠାରୁ ଆଗକୁ ବଢି ଯାଇଛନ୍ତି ।

ହ. ମୁସ୍‌ଲେହ୍ ମଉଦ୍‌ରା.ଅ କୁହନ୍ତି, ସମ୍ଭବତଃ ଯଦି କୌଣସି ବ୍ୟକ୍ତି ଏକଥା କହେ ଯେ, ହ. ଅବୁ ବକରରା.ଅ ଯେତେବେଳେ ନିଜର ସମସ୍ତ ଧନ ସମ୍ପତ୍ତି ନେଇ ଆସିଥିଲେ ତେବେ ନିଜ ଘର ଲୋକଙ୍କ ପାଇଁ କ'ଣ ଛାଡ଼ିଥିଲେ ? ତତ୍‌ସଂପର୍କରେ ମନେରଖିବା ଉଚିତ ଯେ, ତହିଁରୁ ଯଥାର୍ଥ ଘରର ସମସ୍ତ ଜମାପୁଞ୍ଜି ଓ ଆସବାବ ପତ୍ର ରହିଥିଲା । ସେ (ହ. ଅବୁ ବକରରା.ଅ) ବ୍ୟବସାୟୀ ଥିଲେ ଓ ଯେଉଁ ଅର୍ଥ ବ୍ୟବସାୟରେ ଲଗାଇଥିଲେ ତାହା ଆଣିଲେ ନାହିଁ ଓ ନା ହିଁ ନିଜର ଘରବାଡ଼ି ବିକ୍ରୟ କରି ଚାଲି ଆସିଥିଲେ। **(ଫଜାଏଲେ କୁରଆନ୍ (3) ଅନ୍‌ୱାରୁଲ୍ ଉଲୁମ୍ ଭାଗ-11, ପୃ-577) (ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-37, ପୃ-134-135)** ତାହା ନୁହେଁ ବରଂ ଘରର ସମସ୍ତ ଜିନିଷ ପତ୍ର ନେଇ ଆସିଥିଲେ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି, "ଉକ୍ତ ଘଟଣାରୁ ହ. ଅବୁ ବକର ରା.ଅଙ୍କ ଦୁଇଟି ଗୁଣ ପ୍ରକାଶ୍ୟ ଅଟେ । **ପ୍ରଥମତଃ**- ଆପଣରା.ଅ ବଳିଦାନରେ ସର୍ବାଧିକ ରୂପେ ଆଗୁଆ ଥିଲେ ଏବଂ **ଦ୍ୱିତୀୟତଃ**- ନିଜର ସମସ୍ତ ଧନରତ୍ନ ନେଇ ଆସି ପୁନଶ୍ଚ ସର୍ବପ୍ରଥମେ ଆଁହଜରତସ.ଅଙ୍କ ନିକଟରେ ପହଞ୍ଚିଗଲେ ଓ ଯେଉଁମାନେ ସ୍ୱଳ୍ପ ଅର୍ଥ ବା ସ୍ୱଳ୍ପ ଧନ ଦେଇଥିଲେ ସେମାନେ ଚିନ୍ତିତ ରହିଲେ ଯେ, ଆମେମାନେ ନିଜ ଘରେ କେତେ ଅର୍ଥ ରଖିବୁ ଓ କେତେ ଆଁହଜରତସ.ଅଙ୍କୁ ଦେବୁ ? କିନ୍ତୁ ଏସବୁ ସତ୍ତ୍ୱେ ହ. ଅବୁ ବକରରା.ଅଙ୍କ ସଂକ୍ରାନ୍ତରେ ଏହା କେଉଁଠି ବି ଉଲ୍ଲେଖ ନାହିଁ ଯେ, ହ. ଅବୁ ବକରରା.ଅ ଅନ୍ୟ ସାହାବାମାନଙ୍କ ଉପରେ ଆପତ୍ତି କରିଥିବେ ।" ଆପଣରା.ଅ ସମସ୍ତ ଧନ ନେଇ ଆସିଥିଲେ । କିନ୍ତୁ ସେ ଆପତ୍ତି କଲେ ନାହିଁ ଏବଂ କହିଲେ ନାହିଁ ଯେ, ଦେଖ ! ମୁଁ ସମସ୍ତ ଧନ ନେଇ ଆସିଛି ଏବଂ ଅନ୍ୟମାନେ ଆଣିଲେ ନାହିଁ ।

ହ. ଅବୁ ବକରରା.ଅ ବଳିଦାନ କରି ମଧ୍ୟ ଏହା ଭାବୁଥିଲେ ଯେ, ମୁଁ ବର୍ତ୍ତମାନ ପ୍ରଭୁଙ୍କର ଋଣୀ ଅଟେ ଏବଂ ମୁଁ ଅଲ୍ଲାତାଲଙ୍କ ଉପରେ କୌଣସି ଉପକାର କରି ନାହିଁ ବରଂ ଏହା ପ୍ରଭୁଙ୍କର କୃପା ଯେ, ସେ ମୋତେ ଏହି ବଳିଦାନ ଦେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିଛନ୍ତି । **(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-17, ପୃ-580)**

ଅତଏବ ହ. ମୁସ୍‌ଲେହ୍ ମଉଦ୍ ଏସଂକ୍ରାନ୍ତରେ ବର୍ଣ୍ଣନା କରୁଛନ୍ତି ଯେ, ଆର୍ଥିକ ବଳିଦାନକାରୀମାନଙ୍କୁ ନିଜର ସ୍ଥିତିକୁ ଲକ୍ଷ୍ୟ କରିବା ଉଚିତ୍ । ସେହି କପଟବିଶ୍ୱାସୀମାନଙ୍କ ପରି ହେବା ଅନୁଚିତ ଯେଉଁମାନେ ଚାନ୍ଦା ଦିଅନ୍ତି ନାହିଁ ଏବଂ ଯଦି ବି ଟିକିଏ କ'ଣ ଚାନ୍ଦା ଦିଅନ୍ତି ତେବେ ସେମାନେ ଅନ୍ୟମାନଙ୍କ ଉପରେ ଆପତ୍ତି କରନ୍ତି ଯେ, ଦେଖ ! ଅମକ ବ୍ୟକ୍ତି କମ୍ ଚାନ୍ଦା ଦେଇଛି ଏବଂ ଅମକ ବ୍ୟକ୍ତି ଏତେ ଚାନ୍ଦା ଦେଇଛି ।

ହ. ମସିହ୍ ମଉଦ୍ଅ.ସ କୁହନ୍ତି, "ସାହାବାମାନଙ୍କ ଜମାଅତ୍ ତ' ସେହି ପବିତ୍ର ଜମାଅତ୍ ଥିଲା ଯାହାର ପ୍ରଶଂସାରେ ସମଗ୍ର ପବିତ୍ର କୁରଆନ୍ ଭର୍ତ୍ତି ହୋଇ ରହିଛି । କ'ଣ ଆପଣମାନେ ଏହିପରି ବ୍ୟକ୍ତି ଅଟନ୍ତି କି ? ଯେତେବେଳେ ଅଲ୍ଲାଃତାଲା କୁହନ୍ତି ଯେ, ହ. ମସିହ୍ ମଉଦ୍ଅ.ସଙ୍କ ସହିତ ସେହି ଲୋକମାନେ ହିଁ ହେବେ ଯେଉଁମାନେ ସାହାବାମାନଙ୍କ ପରି ସମସ୍କନ୍ଧ ହେବେ ଏବଂ ସାହାବାମାନଙ୍କ ପରି ଆଚରଣ ପ୍ରଦର୍ଶନ କରିବେ। ସାହାବାମାନେ ଏପରି ଥିଲେ ଯେଉଁମାନେ ନିଜର ଧନ, ନିଜର ମାତୃଭୂମି ସତ୍‌ମାର୍ଗ ସକାଶେ ଦେଇଦେଲେ ଏବଂ ସତ୍‌ମାର୍ଗ ସକାଶେ ସବୁକିଛି ପରିତ୍ୟାଗ କରିଦେଲେ। ସତ୍ୟବାଦୀ ହ. ଅବୁ ବକରରା.ଅଙ୍କ ପ୍ରସଙ୍ଗ ଆପଣମାନେ ଅନେକ ଥର ଶୁଣିଥିବେ । ଏକଦା ଯେତେବେଳେ ପ୍ରଭୁଙ୍କ ମାର୍ଗରେ ନିଜର ଧନକୁ ବ୍ୟୟ କରିବାର ଆଦେଶ ଦିଆଗଲା ସେତେବେଳେ ହ. ଅବୁ ବକରରା.ଅ ନିଜ ଘରର ସମସ୍ତ ଧନ ସମ୍ପତ୍ତି ଓ ଆସବାବ ପତ୍ର ନେଇ ଆସିଲେ । ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କୁ ପଚରାଗଲା ଯେ, ଘରେ କ'ଣ ଛାଡ଼ିଛ ? ସେତେବେଳେ ଆପଣରା.ଅ କହିଲେ, ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ନାମକୁ ଘରେ ଛାଡ଼ି ଦେଇ ଆସିଛି । ଜଣେ ବ୍ୟକ୍ତି ମକ୍କାର ଧନାଢ୍ୟ ହୋଇଥିବ, କମ୍ବଳ ପରିଧାନ କରୁଥିବ, ଗରିବମାନଙ୍କ ପରି ପୋଷାକ ପତ୍ର ପିନ୍ଧୁଥିବ । ସୁତରାଂ ଏହା ଜାଣିନିଅ ଯେ, ସେହି ଲୋକମାନେ ତ' ଭଗବାନଙ୍କ ମାର୍ଗରେ ବୀରଗତିନ ପ୍ରାପ୍ତ କରିଥିଲେ । ସେମାନଙ୍କ ପାଇଁ ତ' ଏହା ହିଁ ଉଲ୍ଲେଖ ରହିଛି ଯେ, ଖଡ଼ଗ ତଳେ ବୈକୁଣ୍ଠ ପୁର ରହିଛି । **(ମଲ୍‌ଫୁଜାତ୍, ଭାଗ-1, ପୃ-43, ସଂସ୍କରଣ ବର୍ଷ-1984 ମସିହା)** ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, "ସାହାବାମାନଙ୍କ ଅବସ୍ଥାକୁ ଅନୁଧ୍ୟାନ କର, ଯେତେବେଳେ ପରୀକ୍ଷାର ସମୟ ଆସିଲା ସେତେବେଳେ ସେମାନଙ୍କ ନିକଟରେ ଯାହାକିଛି ରହିଥିଲା ସେମାନେ ତାହାକୁ ଅଲ୍ଲାଃତାଲାଙ୍କ ମାର୍ଗରେ ଦେଇ ଦେଇଥିଲେ । ସତ୍ୟବାଦୀ ଖଲିଫା ହ. ଅବୁ ବକର ରା.ଅ ଅଲ୍ଲାଃତାଲାଙ୍କ ମାର୍ଗରେ ସବୁକିଛି ତ୍ୟାଗ କରିଦେଇ ଆଁହଜରତ ସ.ଅଙ୍କ ନିକଟକୁ କେବଳ ଗୋଟିଏ କମ୍ବଳ ଘୋଡ଼ି ହୋଇ ଚାଲି ଆସୁଥିଲେ । ଫଳସ୍ୱରୂପ ଅଲ୍ଲାଃତାଲା ମଧ୍ୟ ଏହାର ପ୍ରତିଫଳ ହ. ଅବୁ ବକରରା.ଅଙ୍କୁ ପ୍ରଦାନ କରିଥିଲେ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ପ୍ରକୃତ ବିଶେଷତା ଏହା ଯେ, ପୁଣ୍ୟ ଏବଂ ଆଧାତ୍ମିକ ସ୍ୱାଦକୁ ଆସ୍ୱାଦନ କରିବାକୁ ହେଲେ ସେହି ଅର୍ଥ ସହାୟକ ହୋଇ ପାରିବ ଯାହା ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରାଯିବା ଉଚିତ୍ ।"

**(ମଲ୍‌ଫୁଜାତ୍, ଭାଗ-1, ପୃ-43, ସଂସ୍କରଣ ବର୍ଷ-1984 ମସିହା)**

ହୁଜୁର ଅନ୍‌ୱର୍ଅ.ବ କହିଲେ, ହ. ଅବୁ ବକରରା.ଅଙ୍କ ଜୀବନୀ ଚର୍ଚ୍ଚା **ଇନ୍‌ଶାଅଲ୍ଲାଃ** ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ ।

## ହ. ମସିହ୍ ମଉଦ୍ ଅ.ସଙ୍କ ନୀତି ବାଣୀ

**ଜଣେ ସଚ୍ଚୋଟ ମୁସଲମାନ ନା କ୍ରୋଧିତ ହୋଇପାରିବ ଓ ନା ହିଁ ମାର୍ଗଭ୍ରଷ୍ଟଙ୍କ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇପାରିବ । ମାର୍ଗଭ୍ରଷ୍ଟ ହେଉଛନ୍ତି ସେହି ଜାତି ଯାହାଙ୍କ ଉପରେ ପ୍ରଭୁଙ୍କ କୋପ ଅବତୀର୍ଣ୍ଣ ହୋଇଥିଲା । ସେହି ଜାଲ୍ଲିନ୍ (ମାର୍ଗଭ୍ରଷ୍ଟ)ରୁ ଯଥାର୍ଥ ହେଉଛନ୍ତି ଖ୍ରୀଷ୍ଟିଆନମାନେ ।**

ଇସଲାମ୍ ଧର୍ମ ଯଦିଓ ମଧ୍ୟମ ନିୟମାବଳୀ ଉପରେ ପର୍ଯ୍ୟବେସିତ ଧର୍ମ । ତେଣୁ ଅଲ୍ଲାଃତାଲା ଏହି ଶିକ୍ଷା ପ୍ରଦାନ କରିଛନ୍ତି ଏବଂ ମଗଜୁବ୍ ଓ ଜାଲ୍ଲିନରୁ ସୁରକ୍ଷିତ ରହିବା ନିମନ୍ତେ ଆଦେଶ ଦେଇଛନ୍ତି । ଅତଃ ଜଣେ ପ୍ରକୃତ ଓ ସଚ୍ଚୋଟ ମୁସଲମାନ ବ୍ୟକ୍ତି ନା ମଗଜୁବ୍ (ପ୍ରକୋପ ବା କ୍ରୋଧିତ) ହୋଇପାରିବ ଓ ନା ହିଁ ମାର୍ଗଭ୍ରଷ୍ଟଙ୍କ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇପାରିବ । ମାର୍ଗଭ୍ରଷ୍ଟ ହେଉଛନ୍ତି ସେହି ଜାତି ଯାହାଙ୍କ ଉପରେ ପ୍ରଭୁଙ୍କ କୋପ ଅବତୀର୍ଣ୍ଣ ହୋଇଥିଲା । ସେମାନେ ସର୍ବଦା କ୍ରୋଧିତ ରହୁଥିଲେ ଏଣୁ ପ୍ରଭୁଙ୍କ କୋପକୁ ସେହିମାନେ ହିଁ ଆକର୍ଷିତ କରି ଆଣିଲେ । ପ୍ରଭୁଙ୍କ ସେହି କୋପକୁ ଆକର୍ଷିତ କରି ଆଣିଥିବା ଜାତି ହେଉଛି ଇହୁଦୀ ଜାତି ଏବଂ ମାର୍ଗଭ୍ରଷ୍ଟ ଜାତି ହେଉଛି ଖ୍ରୀଷ୍ଟ ଜାତି ।

ପ୍ରକୋପର ଅବସ୍ଥା **ସବଇ (ନୃଶଂସନୀୟତା ବା ହିଂସତ୍ୱ)** ଶକ୍ତିରୁ ଉତ୍ପନ୍ନ ହୋଇଥାଏ ଓ ମାର୍ଗଭ୍ରଷ୍ଟତା **ୱହମି** (ଭ୍ରମ) ଶକ୍ତିରୁ ଜାତି ହୋଇଥାଏ । ୱହମି ଶକ୍ତି (ସନ୍ଦେହ, ଭ୍ରମ, ଶଙ୍କା) ଅତ୍ୟଧିକ ପ୍ରେମ ଦ୍ୱାରା ସୃଷ୍ଟି ହୋଇଥାଏ । ବ୍ୟକ୍ତି ଯେତେବେଳେ ଅନ୍ୟ ବ୍ୟକ୍ତିକୁ ଅତ୍ୟଧିକ ପ୍ରେମ କରେ ସେତେବେଳେ ସେ ତା' ପ୍ରତି ଆସକ୍ତ ହୋଇ ତା' ପ୍ରେମରେ ବହି ଯାଇଥାଏ । ଅର୍ଥାତ **ହୁବ୍‌ବୁକା ଶଇୟି ୟୁମା ଓ ୟୁସମ୍ମି** ଏହାର ଆରମ୍ଭ ଓ ଉଦ୍ଦେଶ୍ୟ ଭ୍ରମ ଶକ୍ତି ଅଟେ । ଏହାର ଉଦାହରଣ ଏହିପରି ଯେ, ଚଦରକୁ ଯଦି ବଳଦ ମନେକରାଯାଏ ଓ ବଳଦର ଦଉଡ଼ିକୁ ଯଦି ସର୍ପ ବୋଲି ବିବେଚନା କରାଯାଏ ତେବେ ବ୍ୟକ୍ତି ବ୍ୟକ୍ତି ଅବଶ୍ୟ ଭ୍ରମର ଶିକାର ହୋଇଛି । ଏହି କାରଣ ହେତୁ ଜଣେ କବି ନିଜର ପ୍ରେମିକଙ୍କୁ କେବେ ବି ଏପରି ବିବେଚିତ କରି ନାହାନ୍ତି ଯାହା ଅନ୍ୟ ଠାରୁ ଅଧିକ ହୋଇ ନଥିବ । ତେଣୁ ପ୍ରତ୍ୟେକ ବ୍ୟକ୍ତିର ଭ୍ରମ ଏକ ନୂତନ ରୂପ ଓ ନୂତନ ଚିତ୍ରପଟ ଉଦ୍ଭାବନ କରି ନେଇଛି ।

ପଶାବିକ ଶକ୍ତିରେ ଉତ୍ସାହିତ ହୋଇ ମନୁଷ୍ୟ ପାଦପଥ (ହିଡ଼)ରୁ ବାହାରି ଯାଇଥାଏ । ସୁତରାଂ ପ୍ରକୋପର ଅବସ୍ଥାରେ ହିଂସ୍ରାତ୍ମକ ଉତ୍ସାହ ବୃଦ୍ଧି ପାଇଥାଏ । ଉଦାହରଣ ସ୍ୱରୂପ କୁକୁର ଛୁଆ ଧୀରେ ଧୀରେ ଭୁକିଥାଏ। ସମଗ୍ର ଘରକୁ ମୁଣ୍ଡରେ ଟେକି ଧରି ନେଇଥାଏ । ଅର୍ଥାତ ଖୁବ ଭୁକିଥାଏ। ପରିଶେଷରେ ହିଂସ ଜନ୍ତୁମାନେ କ୍ରୋଧିତ ହୋଇ ରାମ୍ପି ଦିଅନ୍ତି ଓ ବିଦୀର୍ଣ୍ଣ (ଆମ୍ପୁଡ଼ି ଦେବା, ଝୁଣି ଫାଡ଼ି ଦେବା) କରି ଦିଅନ୍ତି । ଇହୁଦୀମାନେ ଏହିପରି ଭାବରେ ଅନ୍ୟାୟ ଓ ଅତ୍ୟାଚାର କରି ବଦଅଭ୍ୟାସ ଅବଲମ୍ବନ କରିଥିଲେ ଏବଂ ପ୍ରକୋପକୁ ଚରମ ସୀମା ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥିଲେ । ଫଳତଃ ସେମାନେ ପ୍ରକୋପିତ ଏବଂ ଶ୍ରାପିତ ହୋଇଗଲେ । ଭ୍ରମ ଶକ୍ତି ଯେତେବେଳେ ବ୍ୟକ୍ତି ଉପରେ ପ୍ରାଧାନ୍ୟ ବିସ୍ତାର କରେ ସେତେବେଳେ ମନୁଷ୍ୟ ଦଉଡ଼ିକୁ ମଧ୍ୟ ସର୍ପ (ସାପ) ବୋଲି ମନେ କରିନିଏ ଏବଂ ବୃକ୍ଷକୁ ହସ୍ତୀ (ହାତୀ) କହିଥାଏ । କିନ୍ତୁ ସେ ଏହାର କୌଣସି ପ୍ରମାଣ ଉପସ୍ଥାପିତ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol.9 Thursday 29 JUN 2023 Issue No. 26

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

କରିପାରି ନଥାଏ । ଉକ୍ତ ଶକ୍ତି ମହିଳାମାନଙ୍କ କ୍ଷେତ୍ରରେ ଅଧିକ ଦେଖା ଦେଇଥାଏ । ସେଇଥିପାଇଁ ଖ୍ରୀଷ୍ଟ ଧର୍ମାବଲମ୍ବୀ ଓ ମହିଳାମାନେ ପିତୁଳା ପୂଜାର ଅଧିକ ଆଶ୍ରୟ ନେଇ ଥାଆନ୍ତି । ସୁତରାଂ ଇସ୍‌ଲାମ୍ ଧର୍ମ ମଧ୍ୟମ ସଳଖ ମାର୍ଗରେ ଅଗ୍ରସର ଓ ମଧ୍ୟମ ସଳଖ ପଥ ଆପଣାଇବାକୁ ସର୍ବଦା ଶିକ୍ଷା ପ୍ରଦାନ କରିଛି । ଯାହାର ଅନ୍ୟ ନାମ **ସିରାତଲ୍ ମୁସ୍ତକିମ୍** ଅଟେ ।

**(ମଲଫୁଜାତ୍, ଭାଗ-1, ପୃ-456, ପ୍ରକାଶନ ସ୍ଥାନ- କାଦିଆନ, 2003 ମସିହା)**

---

**ଉନ୍ନତି ଓ ପରୀକ୍ଷା ଅବତାରମାନଙ୍କ ସଂପ୍ରଦାୟର ଦୁହେଁ ଭ୍ରାତା (ଭାଇ) ଅଟନ୍ତି । ଯେଉଁମାନେ ପରସ୍ପର ଠାରୁ ପୃଥକ ହୋଇପାରିବେ ନାହିଁ । ଯେପର୍ଯ୍ୟନ୍ତ କୌଣସି ଜାତି ମରିବା ପାଇଁ ପ୍ରସ୍ତୁତ ହେଉ ନାହିଁ ସେପର୍ଯ୍ୟନ୍ତ ସେ ଜୀବିତ ହୋଇ ପାରିବ ନାହିଁ । କାରଣ ଜୀବନ ମୃତ୍ୟୁ ବ୍ୟତୀରେକ କଦାପି ପ୍ରାପ୍ତ ହୋଇ ପାରିବ ନାହିଁ ।**

---

ସୟେଦିନା ହ. ମୁସ୍‌ଲେହ୍ ମଉଦ୍[ର.ଅ] କୁହନ୍ତି: ସାହାବାମାନେ ଗୋଟିଏ ପରେ ଗୋଟିଏ ମୃତ୍ୟୁକୁ ଆଦରି ନେଇଥିଲେ ଏବଂ ମୃତ୍ୟୁକୁ ହିଁ ନିଜର ସମସ୍ତ ସଫଳତା ତଥା ସଫଳତାର ଶ୍ରେୟ ବୋଲି ଭାବିଲେ । ଏହା ହିଁ ସେହି ବସ୍ତୁ ଥିଲା ଯଦ୍ୱାରା ସେମାନେ କିଛି କାଳ ମଧ୍ୟରେ ହିଁ ସମଗ୍ର ସଂସାରକୁ ଜିଣି ନେଲେ ଏବଂ ଏଭଳି ବିଜୟ ଲାଭ କଲେ ଯେ, ଏହାର ଦୃଷ୍ଟାନ୍ତ ପୂର୍ବେ କୌଣସି ଜାତିରେ ଦେଖିବାକୁ ମିଳୁ ନାହିଁ । ପୁନଶ୍ଚ ଦେଖିନିଅ ବିପତ୍ତିର ଏହି ପରମ୍ପରା ସମାପ୍ତ ହୋଇଗଲା ନାହିଁ । ବରଂ ଦୀର୍ଘ କାଳ ପର୍ଯ୍ୟନ୍ତ ଅବ୍ୟାହତ ରହିଲା । ଖିଲାଫତ୍ ବ୍ୟବସ୍ଥା ସ୍ଥାପନ ହେଲା, ଏହାପରେ ହ. ଉମର୍[ର.ଅ] ବୀରଗତି ପ୍ରାପ୍ତ କଲେ । ହ. ଉସମାନ୍[ର.ଅ] ବୀରଗତି ପ୍ରାପ୍ତ କଲେ, ହ. ଅଲୀ[ର.ଅ] ବୀରଗତି ପ୍ରାପ୍ତ କଲେ ଓ କରବଲା ଭୂମିରେ ତ' ରସୁଲ୍ କରୀମ୍[ସ.ଅ]ଙ୍କ ସଂପୂର୍ଣ୍ଣ ବଂଶ ବୀରଗତି ପ୍ରାପ୍ତ କଲା । କେତେକ ଲୋକେ ତହିଁରୁ ଭ୍ରମବଶତଃ ଏହା ବୁଝନ୍ତି ଯେ, ପରୀକ୍ଷା କେବଳ ପ୍ରାରମ୍ଭିକ କାଳରେ ଆସିଥାଏ, ଉନ୍ନତି କାଳରେ ପରୀକ୍ଷାର ପରମ୍ପରା ବନ୍ଦ ହୋଇଯାଇଥାଏ । କିନ୍ତୁ ଏପରି କହିବା ଆଦୌ ଠିକ୍ ନୁହେଁ । ଅବତାରମାନଙ୍କ ଜମାଆତ୍‌ର ଉନ୍ନତି ଓ ପରୀକ୍ଷା ଦୁହେଁ ହେଉଛନ୍ତି ଭ୍ରାତା (ଭାଇ ଅଟନ୍ତି) ଯେକି ପରସ୍ପର ଠାରୁ ପୃଥକ ହୋଇ ପାରିବେ ନାହିଁ । ପ୍ରାରମ୍ଭରୁ ପ୍ରାରମ୍ଭ ଯୁଗରେ ମଧ୍ୟ ପରୀକ୍ଷା ସମ୍ମୁଖୀନ ହେବାକୁ ପଡ଼ିଥାଏ ଓ ଉନ୍ନତିର ଯୁଗରେ ମଧ୍ୟ ବ୍ୟକ୍ତି ଓ ଅବତାରମାନଙ୍କୁ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଛି । ଏହିପରି ଭାବରେ ପ୍ରାରମ୍ଭରୁ ଶେଷ ଯାଏ ପରୀକ୍ଷା ଦେବାର ପରମ୍ପରା ଆଜିଯାଏଁ ଅବ୍ୟାହତ ରହିଛି । ଅବତାର (ନବୀ) ଜଣେ ଅନନ୍ୟ ଓ ଭିନ୍ନ ଅସ୍ତିତ୍ୱର ଅଧିକାରୀ ଅଟନ୍ତି । ଅବତାର ଉପରେ ଯେତେବେଳେ ଜଣେ ଦୁଇ ଜଣ ବ୍ୟକ୍ତି ବିଶ୍ୱାସ ଆଣନ୍ତି ସେତେବେଳେ ମଧ୍ୟ ଅବତାରମାନେ ପରୀକ୍ଷାର ସମ୍ମୁଖନୀ ହୋଇ ଥାଆନ୍ତି ଏବଂ ଅତ୍ୟନ୍ତ ଉନ୍ନତି ସମୟରେ ମଧ୍ୟ ଯେତେବେଳେ ସଂପ୍ରଦାୟକୁ ଉନ୍ନତି ପରେ ଉନ୍ନତି ପ୍ରାପ୍ତ ହୋଇଥାଏ ସେତେବେଳେ ମଧ୍ୟ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ହ. ମୁହମ୍ମଦ[ସ.ଅ]ଙ୍କୁ ମଧ୍ୟ ପ୍ରାରମ୍ଭିକ କାଳରେ ବିପତ୍ତି ଓ ନାନ ସମସ୍ୟା ଦେଇ ଗତି କରିବାକୁ ପଡ଼ିଥିଲା । ଆପଣ[ସ.ଅ]ଙ୍କୁ ଓ ଆପଣ[ସ.ଅ]ଙ୍କ ଉପରେ ବିଶ୍ୱାସ ଆଣିଥିବା ଲୋକମାନଙ୍କୁ ମଧ୍ୟ ନାନା ପରୀକ୍ଷା ଦେବାକୁ ପଡ଼ିଥିଲା । ଏହାପରେ ଯେତେବେଳେ ଉନ୍ନତି ବା ପ୍ରଗତିର ଯୁଗ ଆରମ୍ଭ ହେଲେ ସେତେବେଳେ ମଧ୍ୟ ସେହି ପରୀକ୍ଷାର ପରମ୍ପରା ଅବ୍ୟାହତ ରହିଥିଲା । ଏହା ନୁହେଁ ଯେ, ରସୁଲୁଲ୍ଲାଃ[ସ.ଅ] ନିଜ ଜୀବନରେ କୌଣସି ଦିନ ଏହି ଚିନ୍ତାଧାରା ସହିତ ଶୟନ କରିଥିବେ ଯେ, ବର୍ତ୍ତମାନ ସମସ୍ତ ସମସ୍ୟାକୁ ଆୟତ୍ତ କରି ନିଆଯାଇଛି । ସେହି ସମସ୍ତ ସମସ୍ୟା ଯାହାକି ମୁସଲମାନମାନଙ୍କର ଉନ୍ନତି ସହିତ ଜଡ଼ିତ ତାହାର ସମାଧାନ ହୋଇଯାଇଛି। ହ. ଅବୁ ବକର[ର.ଅ] ଏହିଭଳି ଚିନ୍ତାଧାରା ଓ ମାନସିକତା କେବେ ନିଜ ମନ ଭିତରେ ପୋଷଣ କରି ନଥିଲେ ଓ ନା ହିଁ ହ. ଉମର୍[ର.ଅ] ଏପରି କେବେ ଭାବିଥିଲେ, ନା ହିଁ ହ, ଉସ୍‌ମାନ୍[ର.ଅ] ଏପରି କେବେ ଚିନ୍ତା କରିଥିଲେ । ସେହିପରି ନା ଆମର ଜମାଅତ୍‌କୁ କେବେ ଏହିପରି ଚିନ୍ତାଧାରା ନିଜ ମନ ଭିତରେ ପୋଷଣ କରିବା ଉଚିତ । ଏହି ସମସ୍ତ ପ୍ରସଙ୍ଗ ଐଶୀ ସଂପ୍ରଦାୟ ସହିଜ ଜଡ଼ିତ ଅଟେ ଏବଂ କେବେ ବି କୌଣସି ଆଧାତ୍ମିକ ସଂପ୍ରଦାୟ ଏହାକୁ ବାଦ ଦେଇ ଉନ୍ନତି କରିପାରିବ ନାହି । ଅନ୍ୟ ଏକ ସ୍ଥଳେ ଅଲ୍ଲାଃତାଲା କୁହନ୍ତି, **ୱଲନବ୍‌ଲୁୱନ୍ନକୁମ୍ ମିନଲ୍ ଖୌଫି ୱଲ୍ ଜୁଇ ୱ ନକ୍‌ସିମ୍ ମିନଲ ଅମ୍‌ୱାଲି ୱଲ୍ ଅନ୍‌ଫୁସା ୱସ୍ ସମରାତି ୱବଶ୍ଶିରସ୍ ସାବିରିନ୍** । ଅର୍ଥାତ ଆମ୍ଭେ ତୁମମାନଙ୍କୁ କିଛି ଭୟ ଓ କ୍ଷୁଧା ଦ୍ୱାରା ଏବଂ ଧନ, ଜୀବନ ତଥା ଫଳ ହାନୀ ମାଧ୍ୟମରେ ନିଶ୍ଚୟ ପରୀକ୍ଷା କରିବୁ ଏବଂ ହେ ରସୁଲ୍ ! ତୁମ୍ଭେ ସେହି ଧୈର୍ଯ୍ୟଶାଳୀମାନଙ୍କୁ ସୁସମାଚାର ପ୍ରଦାନ କରିଦିଅ ଯେ, ସେମାନେ ନିଜର ଅଭିପ୍ରାୟରେ ଅବଶ୍ୟ ସାଫଲ୍ୟ ମଣ୍ଡିତ ହେବେ । ଅର୍ଥାତ ଯେପରି କୌଣସି ଜାତି ମରିବାକୁ ପ୍ରସ୍ତୁତ ହେଉ ନାହିଁ ସେପର୍ଯ୍ୟନ୍ତ ସେ ଜୀବିତ ରହିପାରିବ ନାହିଁ। କାରଣ ମୃତ୍ୟୁ ବ୍ୟତୀରେକ ଜୀବନ କଦାପି ପ୍ରାପ୍ତ ହୋଇ ପାରିବ ନାହିଁ। ଯେପର୍ଯ୍ୟନ୍ତ ବୀଜ ମୃତ୍ତିକାରେ ପଡ଼ି ନାହିଁ ସେପର୍ଯ୍ୟନ୍ତ ବୀଜରୁ ଶସ୍ୟ ଉତ୍ପନ୍ନ ହୋଇ ପାରିବ ନାହିଁ । ନାରୀର ଗର୍ଭରୁ ସନ୍ତାନ ସେପର୍ଯ୍ୟନ୍ତ ଜନ୍ମ ଗ୍ରହଣ କରିପାରିବ ନାହଁ ଯେପର୍ଯ୍ୟନ୍ତ ଶିଶୁ ମାର ଗର୍ଭସ୍ଥ ଅନ୍ଧକାର ମଧ୍ୟ ଦେଇ ଗତି କରି ନାହିଁ । ଠିକ୍ ସେହିପରି କୌଣସି ଜାତି ସେପର୍ଯ୍ୟନ୍ତ ଉନ୍ନତି କରିପାରିବ ନାହିଁ ଯେପର୍ଯ୍ୟନ୍ତ ମୃତ୍ୟୁବରଣ କରି ନାହିଁ ।

**(ତଫସିର୍ କବିର୍, ଭାଗ-7, ପୃ-581)**

---

## ନବୀ ସ.ଅଙ୍କ ବାଣୀ

---

(2377) ହ. ଅନସ୍[ର.ଅ] ବର୍ଣ୍ଣନା କରନ୍ତି ଯେ, ନବୀ[ସ.ଅ] ଅନସାରମାନଙ୍କୁ ଏଇଥିପାଇଁ ଡାକିଲେ ଯେ, ଆପଣ[ସ.ଅ] ସେମନଙ୍କୁ ବାହାରୈନ୍‌ରେ ଜାଗିର (ଭୂମି ସମ୍ପତ୍ତି) ପ୍ରଦାନ କରିବି । ତେବେ ସେମାନେ କହିଲେ: ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆପଣ[ସ.ଅ] ଯଦି ଆମମାନଙ୍କୁ ଜାଗିର୍ ପ୍ରଦାନ କରୁଛନ୍ତି ତେବେ ଆମର ଭାଇ କୁରୈଶ୍‌ମାନଙ୍କୁ ମଧ୍ୟ ଠିକ୍ ସେହିପରି ଜାଗିର୍ ପ୍ରଦାନ କରନ୍ତୁ ଯାହା ଆମମାନଙ୍କୁ ପ୍ରଦାନ କରିବେ । କିନ୍ତୁ ସେତେବେଳେ ଆପମଣ[ସ.ଅ]ଙ୍କ ନିକଟରେ ଆଉ ଜାଗିର ନଥିଲା । ଆପଣ[ସ.ଅ] କହିଲେ ତୁମେମାନେ ମୋ ମୃତ୍ୟୁ ପରେ ଦେଖିବ ଯେ, ଅନ୍ୟ ଲୋକମାନେ ତୁମ ଉପରେ ପ୍ରାଧାନ୍ୟ ବିସ୍ତାର କରିବେ । ତେଣୁ ତୁମେମାନେ ସେତେବେଳେ ଧୈର୍ଯ୍ୟ ପ୍ରଦର୍ଶନ କରିବ ଯେପର୍ଯ୍ୟନ୍ତକି ତୁମେମାନେ ମୋତେ ସାକ୍ଷାତ୍ କରି ନନେଇଛ । ଅର୍ଥାତ ସାହାବାମାନେ ଯେପର୍ଯ୍ୟନ୍ତ ମୃତ୍ୟୁ ବରଣ କରି ନାହାନ୍ତି।

ଅଲ୍ଲାଃତାଲା ଅନସାରମାନଙ୍କ ସଂପର୍କରେ କୁହନ୍ତି:

**ୟୁହିବବୁନା ମନ୍ ହାଜରା ଇଲୈହିମ୍ ୱଲା ୟଜିଦୁନା ଫି ସୁଦୁରିହିମ୍ ହାଜତମ୍ ମିମ୍ ମା ଉତୁ ୱ ୟୁସିରୁନା ଅଲା ଅନଫୁସିହିମ୍ ୱଲୌ କାନା ବିହିମ୍ ଖସାସତୁନ୍ ।**

ଅର୍ଥାତ ହିଜରତ୍ କରି ସେମାନଙ୍କ ନିକଟକୁ ଆସିଥିବା ଲୋକମାନଙ୍କୁ ପ୍ରେମ କରୁଥିଲେ ଓ ଯାହା ଧନ ସମ୍ପତ୍ତି ଦିଆ ଯାଇଥିଲା ସେଥିପାଇ ସେମାନେ ନିଜ ଅନ୍ତରରେ କୌଣସି କାମନା ପୋଷଣ କରି ନଥିଲେ ଏବଂ ସେମାନେ ଦରିଦ୍ର ଥିବା ସତ୍ତ୍ୱେ ପ୍ରବାସାକାରୀମାନଙ୍କୁ ନିଜ ଅପେକ୍ଷା ଅଗ୍ରାଧିକାର ଦେଉଥିଲେ ।

ହ. ସୟେଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ କୁହନ୍ତି, ଉପରୋକ୍ତ ହଦିସରୁ ପ୍ରମାଣିତ ହୁଏ ଯେ, ପବିତ୍ର କୁରଆନର ଉଲ୍ଲିଖିତ ଗୁଣାବଳୀ ଅନସାରମାନଙ୍କ ଉପରେ ପୂର୍ଣ୍ଣ ରୂପେ ଚରିତାର୍ଥ ହୁଏ ।

**(ସହୀହୁଲ୍ ବୁଖାରୀ, ଭାଗ-4, କିତାବୁଲ୍ ମୁସାକତୁ, ପ୍ରକାଶନ ବର୍ଷ- 2008 ମସିହା, କାଦିଆନ୍)**

☆ ☆ ☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan